## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଜଣେ ମୃତ, ୫ ଆହତ

କଳିଙ୍ଗନଗର,୨୩।୬(ଶୁଭାଶିଷ ରାଉତ): କଳିଙ୍ଗନଗର ଥାନା ବାରଗଡ଼ିଆ ଟୋଲ ଗେଟ ନିକଟରେ ଏକ ଟାଟା ଏସିଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଲୋକଙ୍କ ଉପରେ ମାଡ଼ି ଯାଇଛି। ଏଥିଯୋଗୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୫ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୃତବ୍ୟକ୍ତି ଶଙ୍ଖଚିଲା ଅଞ୍ଚଳର ରବୀନ୍ଦ୍ର ସାହୁ ବୋଲି ଜଣାପଡ଼ିଛି। ପୋଲିସ ଦୁର୍ଘଟଣା ଘଟାଇ ଥିବା ଗାଡ଼ିକୁ ଜବତ କରିବା ସହ ମଦ୍ୟପ ଚାଳକକୁ ଗିରଫ କରିଛି।

### ବକ୍ତାରପୁର ମାଉସୀ ମା' ମନ୍ଦିର ନିର୍ମାଣର ଶିଳାନ୍ୟାସ

କେନ୍ଦ୍ରାପଡ଼ା ୨୩।୬ (ଜଗନ୍ନାଥ ଧଳ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବକ୍ତାରପୁର ମାଉସୀ ମା' ମନ୍ଦିର ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। ଏହି ମନ୍ଦିର ନିର୍ମାଣ ପାଇଁ ଶୁକ୍ରବାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମାଉସୀ ମା' ମନ୍ଦିରର ଶିଳାନ୍ୟାସ କରି ଏହି ଭବ୍ୟ ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଅଞ୍ଚଳର ଆଧାତ୍ମିକ ଚିନ୍ତା ଚେତନା ଓ ଧାର୍ମିକ ଭାବଧାରା ବିକାଶ ଘଟିବା ସହ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ସହାୟକ ହୋଇପାରିବ ବୋଲି କହିଛନ୍ତି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ କୁମାର ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, କାଉନସିଲର ଝରଣା ବେହେରା, ମାଉସୀ ମା' ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଫେସର ଅର୍ଜୁନ ନାୟକ, ବ୍ଲକ ବିଜେଡି ଉପସଭାପତି ସର୍ବେଶ୍ୱର ମହାନ୍ତି, ଦିଲୀପ ଜେନା, ଦେବବ୍ରତ ମହାନ୍ତି, ବାପି ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ପଟ୍ଟାମୁଣ୍ଡାଇ ଗସ୍ତ ପରେ ରାଜ୍ୟ ସରକାର ବକ୍ତାରପୁର ମାଉସୀ ମା' ମନ୍ଦିର ନିର୍ମାଣ ପାଇଁ ୮ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ।

### କାଳବୈଶାଖୀରେ ଛପର ଉଡ଼ିଲା

କୋଡ଼ପଡ଼ା,୨୩।୬ (ରଣଜିତ୍ କୁମାର ରଣା) ଆନନ୍ଦପୁର ଥାନା ଅଧୀନ ଆମ୍ବଗଡ଼ିଆ ଗ୍ରାମରେ ଗୁରୁବାର କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ହୋଇଛି। ଅନେକ ଲୋକଙ୍କ ଚାଳଛପର ଘର ଉଡ଼ିଯାଇଛି। ଅପରାହ୍ଣରେ ହଠାତ୍ ପ୍ରବଳ ବେଗରେ ପବନ ବହିବା ସାଙ୍ଗକୁ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଆମ୍ବଗଡ଼ିଆ ଗ୍ରାମର ରତିକାନ୍ତ ଜେନା, ଦୁଃଖୀ ଜେନା, ବିଟଳ ଜେନା, ଶଶୀକାନ୍ତ ଜେନା, ଆର୍ତ୍ତ ଜେନା ପ୍ରମୁଖଙ୍କର ଚାଳଛପର ଘର ଉଡ଼ିଯାଇ ନଷ୍ଟ ହୋଇଛି। ସେମାନେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ଶିଶୁଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ପରାମର୍ଶ

## ଶିଶୁ ଶ୍ରମିକ ନିରୂପଣ, ନିରାକରଣ ପାଇଁ ଜିଲାସ୍ତରୀୟ ସଚେତନତା ବୈଠକ

ଯାଜପୁର ଟାଉନ,୨୩।୬(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ପ୍ରଶାସନ ଏବଂ ଜିଲା ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶିଶୁ ଶ୍ରମିକ ନିରୂପଣ ଓ ନିରାକରଣ ପାଇଁ ଜିଲାସ୍ତରୀୟ ସଚେତନତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତ, ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଜିଲା ସମାଜ ମଙ୍ଗଳ ବିଭାଗ ସୁରକ୍ଷା ଅଧିକାରୀ ସଂଯୁକ୍ତା ଘଡ଼ାଇ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କୃତିବାସ ବାରିକ ଓ ଖବରଦାତା ଜୟନ୍ତ ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାର୍ଯ୍ୟରେ ଓ ୧୫ରୁ୧୮ ବର୍ଷ ମଧ୍ୟରେ କିଶୋରମାନଙ୍କୁ କୌଣସି ବିପଦ ସଙ୍କୁଳ କାର୍ଯ୍ୟରେ ନିୟୋଜିତ ନ କରିବା ଉପରେ ଆଲୋଚନା କରିଥିଲେ।

ଅତିରିକ୍ତ ଜିଲାପାଳ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ, ଜିଲାରେ ଶିଶୁଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ଶିଶୁଙ୍କୁ ଶ୍ରମିକଭାବେ କାର୍ଯ୍ୟରେ ନିୟୋଜିତ କରୁଥିବା ବ୍ୟକ୍ତି ସାବଧାନ ହେବା ଉଚିତ ଯେ, ଏହା ଏକ ଆଇନଗତ ଦଣ୍ଡନୀୟ ଅପରାଧ। ଏଥିପାଇଁ ୫୦ ହଜାର ଟଙ୍କା ଜରିମାନା ଓ ୨ବର୍ଷ ଯାଏ କାରାଦଣ୍ଡ ଭୋଗିବାକୁ ପଡିଥାଏ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଡ. ମହାନ୍ତ କୌଣସି ବ୍ୟକ୍ତି ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ କାମରେ ନିୟୋଜିତ କଲେ କିମ୍ବା ୧୫ ବର୍ଷରୁ ୧୮ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜନ କଲେ ଅବିଳମ୍ବେ ଜିଲାର ସମସ୍ତ ସଚେତନ ନାଗରିକ ଜିଲା ଶ୍ରମ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଜିଲା ପ୍ରଶାସନକୁ ସୂଚନା ଦେବାକୁ କହିଥିଲେ। ସେହିପରି ନିଶୁଳ୍କ ଶ୍ରମିକ ସହାୟତା ହେଲପ୍ ଲାଇନ୍ ନମ୍ବର ୧୫୫୩୬୮ ଏବଂ ଚାଇଲଡ ଲାଇନ ନମ୍ବର ୧୦୯୮କୁ ଯୋଗାଯୋଗ କରି ଶିଶୁ ଶ୍ରମମୁକ୍ତ ଯାଜପୁର ଓ ଓଡ଼ିଶା ଗଠନ ଲକ୍ଷ୍ୟରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ।

ଶିଶୁ ଶ୍ରମ ମୁକ୍ତ ଜିଲା ଏବଂ ଓଡ଼ିଶା ରାଜ୍ୟ ଆମର ସଂକଳ୍ପ ବୋଲି ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟାସଦସ୍ୟଙ୍କୁ ଅତିରିକ୍ତ ଜିଲାପାଳ ନାୟକ ଓ ଡ. ମହାନ୍ତ ଶପଥ ପାଠ କରାଇଥିଲେ। ଶିଶୁ ମଙ୍ଗଳ ସମିତି ଅଧକ୍ଷା ରୋସ୍‌ନା ଜେନା ଶିଶୁ ଶ୍ରମିକ ନିରାକରଣରେ ଶିଶୁ ମଙ୍ଗଳ ସମିତିର କାର୍ଯ୍ୟଧାରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶିଶୁ ମାନଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଧାରା-୨୦୦୯ ଅଧିକାର ଓ ଶିଶୁ ଶ୍ରମିକ ନିରାକରଣ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଜିଲା ଶିଶୁ ସୁରକ୍ଷା ଶିକ୍ଷାର କାର୍ଯ୍ୟଧାରା ଓ ଜିଲାସ୍ତରୀୟ କାର୍ଯ୍ୟାନ୍ୱୟନ କମିଟିର ବିଭିନ୍ନ ଦିଗ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଆକ୍ସନ ଏଡ୍‌ର ଜିଲା ସଂଯୋଜକ ସୁରେନ୍ଦ୍ର ଡିଗାଲ, ଶିଶୁ ମଙ୍ଗଳ ସମିତି ସଦସ୍ୟାସଦସ୍ୟ, ଚାଇଲ୍ଡ ଲାଇନ ସଦସ୍ୟାସଦସ୍ୟ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ସଂଜୀବ କୁମାର ଦେଓ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ୨୦୨୫ ମସିହା ସୁଦ୍ଧା ସମସ୍ତ ଜିଲାକୁ ଓ ରାଜ୍ୟକୁ ଶିଶୁ ଶ୍ରମିକମୁକ୍ତ କରିବା ଏବଂ ସମସ୍ତ ଶିଶୁଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଥିବା ଯୋଜନା ସମ୍ବନ୍ଧରେ କହିବା ସହ ଧନ୍ୟବାଦ ଦେଇଥିଲେ।


ସଚେତନତା ଶିବିରରେ ଯୋଗଦେଇଥିବା ଅଧିକାରୀ।

# ନାମଲେଖାରୁ ଆଦିବାସୀ ଛାତ୍ରୀ ବଞ୍ଚିତ

ମହାକାଳପଡ଼ା,୨୩।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ରାମନଗରସ୍ଥିତ ରାମଚଣ୍ଡୀ ବିଜୟାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ୭ମ ଶ୍ରେଣୀର ଅନୁସୂଚୀତ ଜନଜାତିର ଛାତ୍ରୀ ମାଳତି ଚୋପିଆର (୧୨) ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ ପ୍ରମାଣ ପତ୍ର ନେବାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ କୁମାର ସ୍ୱାଇଁଙ୍କ ନିକଟକୁ ଦଉଡ଼ି ଦଉଡ଼ି ନୟାନ୍ତ ହେଲେଣି ବୋଲି ତାଙ୍କ ମା' ମୋତି ଚୋପିଆର ଗୁରୁତର ଅଭିଯୋଗ କରିଛନ୍ତି। ଆମେ ଆଦିବାସୀ ବୋଲି ସପ୍ତମ ପାସ ପ୍ରମାଣପତ୍ର ପାଇଁ ପ୍ରଧାନ ଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ କାଉଣ୍ଟର ଦସ୍ତଖତ କରି ଆଣିଲେ ତୁମକୁ ମିଳିବ କହିଛନ୍ତି। ଅପରପକ୍ଷରେ ବୁଧବାରଠାରୁ ଏହି ଆଦିବାସୀ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ବିନା କାଉଣ୍ଟର ସାଇନରେ ପାସ୍ ପ୍ରମାଣପତ୍ର ଦେଇଥିଲେ। ହେଲେ ଛାତ୍ରୀ ମାଳତି ଓ ତାଙ୍କ ମା' ମୋତି କାଉଣ୍ଟର ସାଇନ ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ଫେରୁଛନ୍ତି। ଅପରପକ୍ଷରେ ଏହି ଆଦିବାସୀ ଛାତ୍ରୀ ମାଳତି କଟକସ୍ଥିତ ଏକ ବିଦ୍ୟାଳୟରେ ନାମ ଲେଖାଇବାକୁ ବୁଧବାର ସମୟ ଥିବାରୁ ଏଥିରୁ ସେ ବଞ୍ଚିତ ହୋଇଛନ୍ତି। ତେବେ ଶିକ୍ଷା ବିଭାଗର ନିୟମ ଅନୁସାରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କ କାଉଣ୍ଟର ସାଇନ କରି ପାସ୍ କରିଥିବା ଛାତ୍ରୀଙ୍କୁ ପାସ ପ୍ରମାଣପତ୍ର ପ୍ରଦାନ କରାଯିବା ବ୍ୟବସ୍ଥାରହିଛି। କିନ୍ତୁ ପ୍ରଧାନ ଶିକ୍ଷକ ଜଣେ ନୀରିହ ବାପ ଛେଉଣ୍ଡ ଆଦିବାସୀ ଛାତ୍ରୀଙ୍କୁ ପ୍ରମାଣ ପତ୍ର ଦେବାରେ ବିଫଳ ହେବାରୁ ଅଷ୍ଟମ ଶ୍ରେଣୀ ନାମ ଲେଖାରୁ ସେ ବାତ ପଡିଛନ୍ତି। ଏଠାରେ ପ୍ରଶ୍ନ ଉଠେ ସଭିଏ ପଢ଼ିବେ ସଭିଏଁ ବଢ଼ିବେ ଶିକ୍ଷା ବିଭାଗର ନାରା ସତେ ଯେମିତି ଦିଗହରା ହୋଇଛି।


ବିଦ୍ୟାଳୟରୁ ଆଦିବାସୀ ୭ମ ପାସ୍ ଛାତ୍ରୀ ଓ ତାଙ୍କ ମା' ନିରାଶ ହୋଇ ଫେରୁଛନ୍ତି।

ଏ ସମ୍ପର୍କରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱାଇଁଙ୍କୁ ପଚାରିବାରେ ଜିଲାରୁ ଅନ୍ୟ ଜିଲାରେ ନାମ ଲେଖାଇବାକୁ ହେଲେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାଉଣ୍ଟର ସାଇନ୍ ଆବଶ୍ୟକ ବୋଲି ଛାତ୍ରୀଙ୍କୁ କହିଥିଲେ। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରାଙ୍କୁ ପଚାରିବାରେ ଛାତ୍ରୀଛାତ୍ରମାନଙ୍କୁ ନାମ ଲେଖାର ନିର୍ଦ୍ଧାରିତ ସମୟ ପୂର୍ବରୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଜେ ସମସ୍ତ କାଉଣ୍ଟର ସାଇନି କରାଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପାସ ପ୍ରମାଣପତ୍ର ପ୍ରଦାନ କରାଯିବାର ନିୟମ ରହିଛି। କାହିଁକି ଓ କେଉଁ ପରିସ୍ଥିତିରେ ଉକ୍ତ ଆଦିବାସୀ ଛାତ୍ରୀଙ୍କୁ ବିନା କାଉଣ୍ଟର ସାଇନ୍‌ରେ ୭ମ ପାସ୍ ପ୍ରମାଣ ପତ୍ର ପ୍ରଦାନ କରାଗଲା ତାହା ଦୁର୍ଭାଗ୍ୟଜନକ। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଜେ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟକୁ ଆସି ଉକ୍ତ ଛାତ୍ରୀଙ୍କ ପାସ୍ ପ୍ରମାଣପତ୍ରରେ କାଉଣ୍ଟର ସାଇନି କରି ପ୍ରଦାନ କରିବେ ବୋଲି ସେ କହିଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବାଡ଼

- ବାଡ଼ ଉଠାଇ ନ ପାରି ଫେରିଲେ ତହସିଲଦାର ଓ ପୋଲିସ
- ଭତ୍ତା ପାଇଁ ଆସିଥିବା ହିତାଧିକାରୀ ନିରାଶ ହେଲେ

ଦଶରଥପୁର,୨୩।୬(ମନୋଜ ପୃଷ୍ଟି):

ଦଶରଥପୁର ବ୍ଲକ୍ ବିରୁହାଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ସ୍ଥାନକୁ ବ୍ୟକ୍ତିଗତ ଜାଗା ଦର୍ଶାଇ ଶୁକ୍ରବାର ସମ୍ପୃକ୍ତ ପଞ୍ଚାୟତର କେତେକ ପରିବାର ଅବରୋଧ କରିଛନ୍ତି। ଏନେଇ ସରପଞ୍ଚ ସୁବାସ ଚନ୍ଦ୍ର ଦେବତା ଦଶରଥପୁର ଥାନା, ତହସିଲଦାର, ବିଡିଓ ଏବଂ ସ୍ଥାନୀୟ ଆର୍‌ଆଇଙ୍କ ନିକଟରେ ଅଭିଯୋଗ କରିବା ପରେ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବାଡ଼ ଉଠାଇବାଲାଗି ନିର୍ଦ୍ଦେଶ ଦେଇଥିଲେ। ହେଲେ ଅବରୋଧକାରୀ କର୍ଣ୍ଣପାତ କରି ନ ଥିଲେ। ଫଳରେ ଅଧିକାରୀମାନେ ଫେରି ଯାଇଥିଲେ। ଏହାପରେ ଭତ୍ତା ଏବଂ ଅନ୍ୟାନ୍ୟ କାର୍ଯ୍ୟପାଇଁ ଆସିଥିବା ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ନ ପାରି ଫେରିଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ୨୦୧୯ ଜାନୁୟାରୀ ୧ରେ ଉକ୍ତ ପଞ୍ଚାୟତର ନୂତନ ଗୃହ ନିର୍ମାଣଲାଗି ଭିତ୍ତିଭୂମି ଯାଞ୍ଚପରେ ସ୍ଥାନୀୟ ବିଧାୟିକା ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଅର୍ଥମଞ୍ଜୁର କରିଥିଲେ। ୨ ବର୍ଷ ପୂର୍ବରୁ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଏଠାରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଆସିଥିବାବେଳେ ଏପରି ଘଟଣାକୁନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଅବରୋଧକାରୀ ଯେଉଁ ସ୍ଥାନରେ ବାଡ ବସାଇଛନ୍ତି ସେଠାରୁ ପୂର୍ବରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ଖର୍ଚ୍ଚ ହୋଇଥିଲା। ମାତ୍ର ସେ ସମୟରେ ସେମାନେ ଚୁପ କ'ଣ ପାଇଁ ରହିଥିଲେ ବୋଲି ସରପଞ୍ଚଙ୍କ ସହ କେତେଜଣ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଘଟଣା ସମ୍ପର୍କରେ ତହସିଲଦାର ଅବିନାଶ ବିଶ୍ୱଜିତ୍ ସେଠୀଙ୍କୁ ପଚାରିବାରେ ଶନିବାର ତଦନ୍ତପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।


ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବାଡ଼ ଦିଆଯାଇଛି।

### ଖଣି ନିଗମ ଠିକାଦାର ସଂଘର ସମସ୍ୟା ଆଲୋଚନା

କାଳିଆପାଣି,୨୩।୬ (ଅସିତ ମହାନ୍ତ):

କାଳିଆପାଣି ଖଣି ଅଞ୍ଚଳର ଓଡ଼ିଶା ଖଣି ନିଗମରେ କାର୍ଯ୍ୟ କରୁଥିବା ଠିକାଦାରମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣି ନିଗମ ଟାଉନଶିପ ଅତିଥିଶାଳାଠାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ଠିକାଦାରଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟ କରି ବର୍ଷବର୍ଷ ଧରି ବିଲ ଉଠାଇ ପାରୁ ନ ଥିବା ଠିକାଦାରମାନେ ଅଭିଯୋଗ କରିଥିଲେ। ପରେ ଠିକାଦାରଙ୍କ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ବିଶ୍ୱଜିତ ନାୟକ ସଭାପତି ଓ ନିରଞ୍ଜନ ପୃଷ୍ଟି ସମ୍ପାଦକ ମନୋନୀତ ହୋଇଛନ୍ତି। ବୈଠକରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଠିକାଦାର ବିଶ୍ୱଜିତ ରାଉତ, ରବିନାରାୟଣ କର, ପ୍ରବୋଧ ଧୀର, ମଳୟ ରଞ୍ଜନ ରାଉତ, ଅସିତ ମହାନ୍ତ, ସୁଜିତ ଧୀର, ପ୍ରଦୀପ ଧୀର, ପ୍ରଦୀପ୍ତ ପଣ୍ଡା, ବାଣୀରଞ୍ଜନ ନାୟକ ଓ ସଞ୍ଜୟ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଖବରକାଗଜ ବିତରକ ସମ୍ବର୍ଦ୍ଧିତ


ଖବରକାଗଜ ବିତରକ ଅଞ୍ଜନ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଚଣ୍ଡିଖୋଲ,୨୩।୬ (ପ୍ରଦୀପ୍ତ କୁମାର ପୃଷ୍ଟି):

ବାଲିଚନ୍ଦ୍ରପୁର ଅଞ୍ଚଳର ଖବରକାଗଜ ବିତରକ ଅଞ୍ଜନ କୁମାର ସାହୁ ସମ୍ବର୍ଦ୍ଧିତ ହୋଇଛନ୍ତି। କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀଶ୍ରୀ ଭଦ୍ରେଶ୍ୱର ସାହିତ୍ୟ ସଂସଦର ୨୮ତମ ବାର୍ଷିକ ଉତ୍ସବ ଓ ସାରସ୍ୱତ ସମାରୋହରେ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ଶ୍ରେଷ୍ଠ ବିତରକ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଶରତ କର ଓ ଅନିମା କର ଫାଉଣ୍ଡେଶନ ଅଧକ୍ଷ ତଥା ପୂର୍ବତନ ଆୟକର କମିଶନର ଶୋଭନ କର ମୁଖ୍ୟଅତିଥି ଭାବେ ଯୋଗଦେଇ ସାହୁଙ୍କୁ ଉତ୍ତରୀୟ, ମାନପତ୍ର ଓ ପଦକ ପ୍ରଦାନ କରି 'କୁଞ୍ଜ କଳିକା'ସମ୍ମାନରେ ସମ୍ମାନିତ କରିଛନ୍ତି। ସଂସଦର ସଭାପତି ଶ୍ୟାମସୁନ୍ଦର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଅତିଥି ଯୋଗ ଦେଇଥିଲେ। ସାହୁ ୪୦ ବର୍ଷ ହେଲା ଖବରକାଗଜ ବିତରକ ଭାବେ କାର୍ଯ୍ୟ କରୁଛନ୍ତି।

# କୃଷି, କୃଷକଙ୍କ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ମାର୍ଶାଘାଇ,୨୩।୬ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କୃଷି ଓ କୃଷକଙ୍କ ବିନା ରାଜ୍ୟ କି ଦେଶର ଉନ୍ନତି ଅସମ୍ଭବ। ସେମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସର୍ବଦା ଚେଷ୍ଟିତ। ଚାଷ କାର୍ଯ୍ୟ ପାଇଁ ସେମାନଙ୍କୁ ଉନ୍ନତ କୃଷି ଶିକ୍ଷା ପ୍ରଦାନ, ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ବିକ୍ରିବଟା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରକାଶ କରିଛନ୍ତି। ଶୁକ୍ରବାର ଅପରାହ୍ଣରେ ମାର୍ଶାଘାଇ ଡାକ ବଙ୍ଗଳା ପରିସରରେ ୬ କୋଟି ଟଙ୍କା ବ୍ୟୟ ବରାଦରେ ସମବାୟ କୃଷକ ଶିକ୍ଷା ଓ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଉପଲକ୍ଷେ ଆୟୋଜିତ ସଭାରେ ମନ୍ତ୍ରୀ ନାୟକ ଏହା କହିଛନ୍ତି। ସେ କହିଛନ୍ତି, ଜିଲାର ବିବିଧ ଉନ୍ନତି ପାଇଁ ସରକାରଙ୍କ ବହୁ ପଦକ୍ଷେପ ଉପରେ ଆଲୋଚନା କରି ଏହି ତାଲିମ କେନ୍ଦ୍ର ସ୍ଥାପିତ ହେଲେ କେନ୍ଦ୍ରାଞ୍ଚଳ ଜୋନର ବିଭିନ୍ନ ଜିଲାର ଚାଷୀମାନେ ଉପଯୁକ୍ତ ତାଲିମ ପାଇପାରିବେ। ଏଥିରେ ମୁଖ୍ୟ ଅତିଥି ଭାବେ ସମବାୟ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ଚଢ଼ା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲାପାଳ ଅମୃତ ରତୁରାଜ ଯୋଗଦେଇ କୃଷି ସମବାୟ ଋଣ ଓ ଉପଯୁକ୍ତ ତାଲିମ ପ୍ରଦାନ ଉପରେ ମତ ରଖିଥିଲେ। ଉପଜିଲାପାଳ ନିରଞ୍ଜନ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ପୂର୍ବତନ ବ୍ଲକ ଅଧକ୍ଷ ସଞ୍ଜୟ ଲେଙ୍କା, ବ୍ଲକ ଆମ୍ବା ଅଧକ୍ଷ ପ୍ରଦୀପ୍ତ ଗାହଣ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲିକ, ଦୁର୍ଗାବତୀ ପ୍ରଧାନ, ସାମାଜିକ କର୍ମୀ ଗଙ୍ଗାଧର ପରିଡା, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି ମଞ୍ଚାସୀନ ଥିଲେ। ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲାର ୯ ଟି ବ୍ଲକରେ ଥିବା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ।

# 'ବିକାଶରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

## କଳିଙ୍ଗନଗର ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ

କଳିଙ୍ଗନଗର,୨୩।୬ (ଶୁଭାଶିଷ ରାଉତ):

କଳିଙ୍ଗନଗର ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ କହିଛନ୍ତି, ଦିନକୁ ଦିନ ଗଣମାଧ୍ୟମର ଅଭିବୃଦ୍ଧି ଘଟୁଛି। ଲୋକଙ୍କ ସୁଖ, ସୁବିଧା ପାଇଁ ପ୍ରତିକୂଳ ପରିସ୍ଥିତି ଓ ପରିବେଶରେ ରହି ମଧ ଖବରଦାତା ସେମାନଙ୍କ ଦାୟିତ୍ୱ ତୁଲାଇଥାନ୍ତି। ବିକାଶ ଓ ପ୍ରଗତିରେ ଖବରଦାତାଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଏକଥା ଯେ କେହି ମଧ ସ୍ୱୀକାର କରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ସ୍ଥାନୀୟ ରୟାଲ ତାଜ ପ୍ୟାଲେସଠାରେ ଅୟୋଜିତ ବୈଠକରେ ମନ୍ତ୍ରୀ ଘଡ଼ାଇ କର୍ପୋରେଟ ଓ ପ୍ରଶାସନକୁ ଗୋଟିଏ ମଞ୍ଚରେ ବସାଇ ସାମ୍ବାଦିକମାନେ ବିକାଶ ପାଇଁ ପଥ ପରିଷ୍କାର କରିବାକୁ ଆଗେଇ ଆସନ୍ତୁ ବୋଲି ଆହ୍ୱାନ କରିଛନ୍ତି।

ଖବରଦାତା ୨୪ ଘଣ୍ଟା କାମ କରୁଥିଲେ ମଧ ସେମାନଙ୍କ ପ୍ରତି ସମସ୍ତେ ଉଦାସୀନ ରହିବା ବିଡ଼ମ୍ବନା ବୋଲି ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଖବରଦାତା ମାନସ ପଣ୍ଡା କହିଛନ୍ତି। ସମ୍ମାନିତ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍ ଟପ୍ପୋ, ଦାନଗଦି ପଞ୍ଚାୟତ ସମିତି ଅଧକ୍ଷା ଅର୍ଚ୍ଚନା ଦାସ, ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ଟାଟା ଷ୍ଟିଲ କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡା, ଜିନ୍ଦଲ ଷ୍ଟେନଲେସର ଆବାସିକ ନିର୍ଦ୍ଦେଶକ ଭି. ଶିବରାମ କ୍ରିଷ୍ଣା, ଭିସା ଷ୍ଟିଲର ନିର୍ଦ୍ଦେଶକ ମନୋଜ କୁମାର, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ଓ ତ୍ରିଜଙ୍ଗା ସରପଞ୍ଚ କାଗଜି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କୈଳାସ ଚନ୍ଦ୍ର ପୃଷ୍ଟି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ରଙ୍ଗ ବଲ୍ଲଭ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କ୍ରୀଡ଼ାବିତ ପ୍ରାଚୀ ମହଲ, ବୈଜ୍ଞାନିକ ଡ. ସୁଧନ ପାତ୍ର, ସାମାଜିକ କର୍ମୀ ବଟକୃଷ୍ଣ ମହାରଣା, ନାରୀ ନେତ୍ରୀ କୁସୁମ ଘଡ଼ାଇ, ଚାଟାର୍ଡ ଏକାଉଣ୍ଟାଟ ପ୍ରଶାନ୍ତ କୁମାର ରାୟ ଓ ଜନସେବି ପ୍ରଦୀପ କୁମାର ମହାନ୍ତିଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାଦୁଗର ଭାବେ ସୁନାମ ଅର୍ଜନ କରିଥିବା ଭାଗୀରଥୀ ଘଡ଼ାଇ, ନିର୍ମଳ ଜେନା ଓ କୁନି ନୃତ୍ୟଶିଳ୍ପୀ ଆୟୁଷି ଦେଓଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ପ୍ରେସ କ୍ଲବ ପକ୍ଷରୁ ପୂର୍ବାହ୍ନରେ ଏକ ରକ୍ତଦାନ ଶିବିର ଅୟୋଜିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ବନ୍ଧୁମିଳନରେ ଖବରଦାତା ସର୍ବଶ୍ରୀ ଚିତ୍ତରଞ୍ଜନ ବେହେରା, ହର୍ଷବର୍ଦ୍ଧନ ବେହେରା, ବାବୁରାମ ଜେନା, ପ୍ରକାଶ ରାଉତ, ରବିନାରାୟଣ କର, ହରିହର ସ୍ୱାଇଁ, ପବିତ୍ର ମହାନ୍ତି, ଯଜ୍ଞଦତ୍ତ ତ୍ରିପାଠୀ, ଦିନେଶ ପରିଡ଼ା, ଅବତାର ଅଲ୍ଲୀ, ନରୋତ୍ତମ ବେହେରା, ଅନିଲ କୁମାର ଦାସ, ହାରାଧନ ବାନାର୍ଜୀ, ସୁବାସ ଧଳ, ସନ୍ଦୀପ୍ତ ରାୟ, ଚିନ୍ତାମଣି ପାଢ଼ୀ, ଭୁବନ ମୋହନ ମହାନ୍ତି, ପଦ୍ମନାଭ ପହି, ଦିଲୀପ ପରିଡା, ଅମୀୟ ଘଡ଼ାଇ, ସନ୍ତୋସ ମଲିକ, ତାରିଣୀ ପଟ୍ଟନାୟକ, ତୁଷାର ରଞ୍ଜନ ସାହୁ ଓ ଅନୁଜ ମଲିକଙ୍କ ସମେତ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ଖବରଦାତା ଏବଂ ୩୦୦ ରୁ ଅଧିକ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।


କଳିଙ୍ଗନଗର ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଟଙ୍କା ହଡ଼ପ ଅଭିଯୋଗ

ବାଲିକୁଦା,୨୩।୬ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକର ବୋରିକିନା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଲକ୍ଷାଧିକ ଟଙ୍କା ଦୁର୍ନୀତି ହୋଇଥିବା ନେଇ ପୂର୍ବତନ ସରପଞ୍ଚ ସାଧୁଚରଣ ସାହୁ କିଛିଦିନ ପୂର୍ବେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, ବୋରିକିନା ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବିଭିନ୍ନ ପ୍ରକଳ୍ପ କାମ ଚାଲିଛି। ମାତ୍ର ଏହା ଜବ୍‌କାର୍ଡଧାରୀଙ୍କ ଦ୍ୱାରା କରା ନ ଯାଇ ମେଶିନ ଓ ଟ୍ରାକ୍ଟର ସାହାଯ୍ୟରେ କରାଯାଇଛି । ପଞ୍ଚାୟତର କିଛି ଅସାଧୁ ବ୍ୟକ୍ତି ସରକାରୀ କର୍ମଚାରୀଙ୍କୁ ହାତକରି ଏହି ଟଙ୍କାକୁ ହଡ଼ପ କରିନେଉଛନ୍ତି।

ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରିବାକୁ ହେଲେ ପ୍ରଥମେ ଜବକାର୍ଡଧାରୀ ସି୧, ସି୨ ଫର୍ମରେ କାମ ପାଇଁ ପଞ୍ଚାୟତରେ ଆବେଦନ କରିବେ। ଆବେଦନ କରିବାର ୮ ଦିନ ଭିତରେ ଆବେଦନ କରିଥିବା ଜବ୍‌କାର୍ଡଧାରୀଙ୍କୁ ପଞ୍ଚାୟତର ଯେକୌଣସି ପ୍ରକଳ୍ପ ହେବାକୁ ଥିବା କାମରେ ଲଗାଯିବ । ଏହି କାମରେ ପ୍ରତ୍ୟେକ ଦିନର ମଷ୍ଟର ରୋଲରେ ଜବ୍‌କାର୍ଡଧାରୀଙ୍କ ନାମ ଓ ଦସ୍ତଖତ ରହିବ।



ମେଶିନ ସାହାଯ୍ୟରେ ପ୍ରକଳ୍ପ କାର୍ଯ୍ୟ ଚାଲିଛି।

ଏହା ପରେ ଜବ୍‌କାର୍ଡଧାରୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ । ଏଥିରେ ପୁଣି ସ୍କିଲ୍ଡ ଓ ଅନସ୍କିଲ୍ଡ ଶ୍ରମିକଙ୍କ ଦୈନିକ ହାଜିରା ଅଲଗା ରହିଛି । କିନ୍ତୁ ବୋରିକିନା ପଞ୍ଚାୟତରେ ଏସବୁରେ ବ୍ୟତିକ୍ରମ ଦେଖାଦେଇଛି। ଜବ୍‌କାର୍ଡଧାରୀଙ୍କ ଅଜାଣତରେ ସେମାନଙ୍କ ନାମରେ ଆବେଦନ କରାଯାଇ ଟଙ୍କା ସେମାନଙ୍କ ଆକାଉଣ୍ଟକୁ ପଠାଯାଇଛି। ପରବର୍ତ୍ତୀ ସମୟରେ କେତେଜଣ ବ୍ୟକ୍ତିଙ୍କ ସହଯୋଗରେ ସମ୍ପୃକ୍ତ ଜବକାର୍ଡଧାରୀଙ୍କଠାରୁ ଉକ୍ତ ଟଙ୍କା ଆକାଉଣ୍ଟରୁ ଉଠାଇ ନିଆଯାଉଛି। ଏପରିକି ପଞ୍ଚାୟତର କେତୋଟି ପୋଖରୀ ଖୋଳା ନ ଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ଏହି ପଞ୍ଚାୟତର ଓଳାସ ଗ୍ରାମର ଏକ ପୋଖରୀ ଖୋଳାରେ ମେଶିନ ଟ୍ରାକ୍ଟର ବ୍ୟବହାର କରାଯାଇଥିଲେ ସୁଧା ଜବକାର୍ଡଧାରୀଙ୍କ ଆକାଉଣ୍ଟକୁ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପେମେଣ୍ଟ ହୋଇଛି । ସେହିପରି ପଞ୍ଚାୟତର ଅନ୍ୟ କେତୋଟି ପ୍ରକଳ୍ପର କାମ ନ ହୋଇ ମଧ୍ୟ ପେମେଣ୍ଟ କରାଯାଇଛି ବୋଲି ସାହୁ ଅଭିଯୋଗରେ ଦର୍ଶାଇଛନ୍ତି।

ଏ ସମ୍ପର୍କରେ ବିଡିଓ ଜିତେନ୍ଦ୍ର ନାୟକଙ୍କୁ ମୋବାଇଲ ଫୋନ ନମ୍ବର ଯୋଗେ ଯୋଗାଯୋଗ କରାଯାଇଥିଲେ ସୁଧା ସେ ଉଠାଇ ନ ଥିଲେ । ଏ ସମ୍ପର୍କରେ ବୋରିକିନା ପଞ୍ଚାୟତର ଜିଆରଏସ ଉଲ୍ଲାସଙ୍କୁ ଦାସଙ୍କୁ ପଚାରିବାରୁ ମୁଁ ଆଠ ଦିନ ହେବ ଉକ୍ତ ପଞ୍ଚାୟତକୁ ଆସିଛି । ତେଣୁ ଏ ଘଟଣା ବିଷୟରେ ମୁଁ କିଛି କହି ପାରିବିନି ବୋଲି କହିଥିଲେ । ପୂର୍ବରୁ ଥିବା ଜିଆରଏସ୍ ବିଭୁତି ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ହୋଇଛି। ଏଥିରେ କୌଣସି ଦୁର୍ନୀତି ହୋଇନାହିଁ ବୋଲି କହିଛନ୍ତି।

**ବୋରିକିନା ପଞ୍ଚାୟତ**
- ଜବ୍‌କାର୍ଡଧାରୀଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନିଆଯାଇଛି

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା: ଋଣ ବୋଝ ପାଇଁ ଚରମ ନିଷ୍ପତ୍ତି ଚର୍ଚ୍ଚା

ବାଲିକୁଦା,୨୩।୬(ତାପସ ସ୍ୱାଇଁ): ବାଲିକୁଦା ଥାନା ଅନ୍ତର୍ଗତ ଓଷକଣା ପଞ୍ଚାୟତ ଅଣିଅଙ୍କ ଗ୍ରାମର ମନୋଜ ବେହେରା (୩୩) ଋଣ ବୁଝ ସହି ନପାରି ୫ ଦିନ ତଳେ ବିଷ ପିଇ ଦେଇଥିବା ଚର୍ଚ୍ଚା ହେଉଛି । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ମନୋଜ ଦୁଇ ଜଣ ସାଙ୍ଗଙ୍କ ସହ ମିଶି କଟକରେ ମେଡିସିନ ବ୍ୟବସାୟ କରୁଥିଲେ। ଏଥିପାଇଁ ସେ ତାଙ୍କର ସମ୍ପର୍କୀୟଙ୍କ ଠାରୁ ଋଣ ନେଇଥିଲେ। ମାତ୍ର ବ୍ୟବସାୟର କିଛି ଦିନ ପରେ ସାଙ୍ଗମାନେ ତାଙ୍କୁ ଛାଡି ଚାଲିଯାଇଥିଲେ। ଫଳରେ ଫଳରେ ମନୋଜ ଏକୁଟିଆ ବ୍ୟବସାୟସମ୍ଭାଳି ପାରି ନ ଥିଲେ। ଧାର ଟଙ୍କା କିପରି ସୁଝିବେ ସେ ଚିନ୍ତାରେ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ।

### ନବନିଯୁକ୍ତି ପାଇଥିବା ୧୪୩ଙ୍କୁ ସମ୍ମାନିତ

ପାରାଦୀପ,୨୩।୬(ଶରତ ରାଉତ): ପାରାଦୀପ ମୁଷାଡିଆଠାରେ ଥିବା ଏଏମ୍‌ଏନ୍‌ଏସ (ଆର୍ସେଲର ମିତ୍ତଲ ନିପ୍ପନଷ୍ଟିଲ)କମ୍ପାନୀର ୨ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୁଆଗଡ ପଞ୍ଚାୟତ ଗୋବିନ୍ଦଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଯୋଗ ଦିବସ ହୋଇଥିଲା। ଯୋଗ ପ୍ରଶିକ୍ଷକ ଶଶାଙ୍କ ମଙ୍ଗରାଜ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ କମ୍ପାନୀ ସିଏସଆର ମୁଖ୍ୟ ବିକାଶ ଯାଦଭେନ୍ଦୁ ଉପସ୍ଥିତ ଥିଲେ। ସେହିପରି ଗଡ ପଞ୍ଚାୟତ କାର୍ଯ୍ୟାଳୟରେ ନବନିଯୁକ୍ତି ପାଇଥିବା ୧୪୩ ଯୁବତୀ ଯୁବକଙ୍କୁ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ, କମ୍ପାନୀ ତାର ସିଏସ୍‌ଆର ସ୍କିମରେ ସ୍ଥାନୀୟ ଅଞ୍ଚଳର ୨୦୦ ଯୁବତୀ, ଯୁବକଙ୍କୁ ଗତବର୍ଷ ମେ୨୨ରେ ଆଇଟି ଏବଂ ଆଇଟିଇଏସ୍ ଅଧୀନରେ ତାଲିମ ଦେଇଥିଲା। ସେମାନଙ୍କ ମଧ୍ୟରୁ ୧୪୩ ଜଣଙ୍କ ପାଇଁ ବିଭିନ୍ନ କମ୍ପାନୀରେ ନିଯୁକ୍ତି ସୁଯୋଗ ଗତ ମାସ ୩୦ ମିଳି ଥିଲା।ସେମାନଙ୍କୁ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ସେମାନଙ୍କ ମଧ୍ୟରେ ୭୦ ପ୍ରତିଶତ ଯୁବତୀ ରହିଛନ୍ତି।ଏହି କାର୍ଯ୍ୟକ୍ରମରେ କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ଉପସ୍ଥିତ ଥିଲେ।

### ନୂତନ ସିଡିପିଓଙ୍କ କାର୍ଯ୍ୟରେ ଯୋଗଦାନ

ରଘୁନାଥପୁର,୨୩।୬ (ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟର ସିଡିପିଓ ଜୋସ୍ନାରାଣି ମଲ୍ଲିକ କାର୍ଯ୍ୟରୁ ଅବସର ନେଲାପରେ ତୃପ୍ତିଲତା ମହାନ୍ତି ନୂତନ ସିଡିପିଓ ଭାବେ କାର୍ଯ୍ୟଭାର ସମାଳିଛନ୍ତି। ସେ ପୂର୍ବରୁ ନୂଆପଡା ଜିଲାର ସିନାପାଲି ପ୍ରୋଜେକ୍ଟରେ କାର୍ଯ୍ୟରତ ଥିଲେ।

# କେନ୍ଦ୍ରାପଡ଼ାରୁ ଅଭିଯୁକ୍ତ ସିକ୍ୟୁରିଟି ଗାର୍ଡ ଗିରଫ

ଭୁବନେଶ୍ୱର,୨୩।୬ (ସୂର୍ଯ୍ୟକାନ୍ତ ବେହେରା)

**ରାଜଧାନୀରେ ଯୁବତୀଙ୍କୁ ଛୁରୀ ଭୁସି ହତ୍ୟା ଘଟଣା**
- ହତ୍ୟାର ପ୍ରକୃତ କାରଣ ଖୋଜୁଛି ପୋଲିସ
- ପ୍ରାଥମିକ ତଦନ୍ତରୁ ଟଙ୍କା କାରବାର ସନ୍ଦେହ

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀରେ ଥିବା ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ବୈଜୟନ୍ତୀ ସାହୁଙ୍କୁ ଅଫିସ ଭିତରେ ଛୁରି ଭୁଶି ହତ୍ୟା ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ପୋଲିସ କେନ୍ଦ୍ରାପଡାରୁ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇର ରମେଶ ବାରିକ। ସେ ପୂର୍ବରୁ ଉକ୍ତ ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ଥିଲେ। ତେବେ ସେ ଯୁବତୀଙ୍କୁ କାହିଁକି ହତ୍ୟା କଲେ ତାହାର ପ୍ରକୃତ ରହସ୍ୟ ଜାଣିବା ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତେବେ ଟଙ୍କା କାରବାରକୁ ନେଇ ଏଭଳି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଉକ୍ତ ସଂସ୍ଥାର ଅନ୍ୟଜଣେ ଯୁବତୀ ରମେଶଙ୍କଠାରୁ ୧୫ହଜାର ଟଙ୍କା ଧାର ନେଇ ଫେରାଉ ନ ଥିଲେ। ଉକ୍ତ ଟଙ୍କା ପାଇଁ ରମେଶ ସେଠାକୁ ବାରମ୍ବାର ଯାଇ ବିଫଳ ହେବା ପରେ ରାଗରେ ରିସେପ୍ସନିଷ୍ଟ ଥିବା ବୈଜୟନ୍ତୀଙ୍କୁ ଛୁରି ଭୁସି ଦେଇଥିବା ଅଭିଯୁକ୍ତ ପୋଲିସ୍‌କୁ କହିଛନ୍ତି। କିନ୍ତୁ ଏହାର ସତ୍ୟତା କେତେ ତାହା ଜାଣିବାକୁ ପୋଲିସ ଅନ୍ୟ କେତେକ ଦିଗକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଛି। ପ୍ରେମ ଓ ମାଲିକଙ୍କ ସହ ଶତ୍ରୁତାକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଥିବାରୁ ପୋଲିସ ସଂସ୍ଥାର ମାଲିକ ଓ କର୍ମଚାରୀଙ୍କୁ ପଚରାଉଚରା କରି ପ୍ରକୃତ ଜାଣିବାକୁ ଉଦ୍ୟମ ଜାରି ରଖିଥିବା ଡିସିପି ପ୍ରତୀକ ସିଂ କହିଛନ୍ତି।

ସୂଚନାନୁସାରେ, ଜଗତ୍‌ସିଂପୁର ଜିଲା ନାଉଗାଁ ଅଞ୍ଚଳର ବୈଜୟନ୍ତୀ ଜିଜିପି କଲୋନୀରେ ଥିବା ଫାୟାର୍ ଆଣ୍ଡ୍ ସେଫ୍ଟି ଏଜେନ୍ସିରେ ରିସେପ୍ସନିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବରୁ ସେଠାରେ ସିକ୍ୟୁରିଟି ଗାର୍ଡ ଥିବା ରମେଶ ଗତ ୨୦ ତାରିଖ ରଥଯାତ୍ରା ଦିନ ପୂର୍ବାହ୍ନରେ ଅଫିସକୁ ଯାଇଥିଲେ। ସେଠାରେ ବୈଜୟନ୍ତୀଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ରମେଶ ହଠାତ୍ ଅଣ୍ଟାରୁ ଏକ ଛୁରି ବାହାର କରି ତାଙ୍କ ପେଟକୁ ଭୁସି ଦେଇଥିଲେ। ଜୀବନ ବିକଳରେ ସେ ଅଫିସ ଭିତରକୁ ଦୌଡିବା ବେଳେ ତଳେ ପଡିବାରୁ ଅଭିଯୁକ୍ତ ତାଙ୍କ ପେଟ ଓ ଶରୀରକୁ ବାରମ୍ବାର ଛୁରାମାଡ଼ କରିଥିଲେ। ରକ୍ତମୁଖା ରମେଶକୁ ଦେଖି ଭୟରେ କର୍ମଚାରୀମାନେ ଆଗକୁ ଆସି ନ ଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବତୀ ଜଣକ ଚଟାଣରେ ଚେତାଶୂନ୍ୟ ହୋଇପଡିଥିବା ପରେ ଅଭିଯୁକ୍ତ ରମେଶ ସେଠାରୁ ଫେରାର୍ ହୋଇଯାଇଥିଲା। ଏହାପରେ କର୍ମଚାରୀମାନେ ବୈଜୟନ୍ତୀଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସେଠାରୁ କଟକକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ରାତିରେ ପରିବାର ଲୋକେ ମୃତଦେହକୁ ଆମ୍ବୁଲାନ୍ସରେ ଆଣି ମଞ୍ଚେଶ୍ୱର ଥାନା ସମ୍ମୁଖରେ ରଖି ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବା ସହ ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ଅଭିଯୋଗ ଆଧାରରେ ପୃଥକ୍ ମାମଲା ରୁଜୁ କଲା ପୋଲିସ

ଜଗତ୍‌ସିଂହପୁର, ୨୩।୬
(ପ୍ରମୋଦ କୁମାର ନାୟକ)

**ସିଂହପୁରରେ ଧର୍ମାନ୍ତରିକରଣ ପ୍ରସଙ୍ଗ**
- ୪ ପରିବ୍ରାଜକଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଥାନାରେ ପହଞ୍ଚିବାକୁ ନୋଟିସ

ଜଗତ୍‌ସିଂହପୁର ଥାନା ପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସିଂହପୁର ଗ୍ରାମରେ ଏକ ସମ୍ପ୍ରଦାୟର ୫୦ରୁ ଅଧିକ ବ୍ୟକ୍ତିଙ୍କୁ ଧର୍ମାନ୍ତରିକରଣ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଏହି ମାମଲାରେ ବଜରଙ୍ଗ ଦଳ ଜିଲା ସଂଯୋଜକ ସୂର୍ଯ୍ୟକାନ୍ତ ନନ୍ଦ ଥାନାରେ ଅଭିଯୋଗ କରିବା ପରେ ଓଡ଼ିଶା ଫ୍ରିଡମ ଅଫ ରିଲିଜିୟସ ଆକ୍ଟ ୧୯୬୭ର ଦଫା ୪ ଅନୁଯାୟୀ, ମାମଲା ନଂ.୪୦୬/୨୩ ରୁଜୁ ହୋଇଛି। ଏଥିସହ ମୁଖ୍ୟ ଅଭିଯୁକ୍ତ ଥିବା ତିର୍ତ୍ତୋଲ ଅଞ୍ଚଳର ଲକ୍ଷ୍ମୀପ୍ରିୟା ମଲ୍ଲିକ, ପ୍ରଶାନ୍ତ ସାମଲ, ନବରଙ୍ଗପୁରର ସୁବ୍ରତ ବେଣିଆ ଓ ଅତୀତରେ କେରଳ ବାସିନ୍ଦା ଥିବା ତଥା ବର୍ତ୍ତମାନର କାନାଡା ନାଗରିକ ମୋହନ କିଦାଙ୍ଗଲିଲ ଇପେନଙ୍କୁ ଦଫା ୪୧ ଅନୁଯାୟୀ, ଧାର୍ଯ୍ୟ ସମୟ ମଧ୍ୟରେ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିବା ପାଇଁ ନୋଟିସ ଜାରି କରାଯାଇଛି। ଅପରପକ୍ଷେ ଲକ୍ଷ୍ମୀପ୍ରିୟାଙ୍କ ପକ୍ଷରୁ ପାଲଟା ଅଭିଯୋଗ କରାଯାଇଛି। ସେଥିରେ ଦର୍ଶାଯାଇଛି, ସେ ତାଙ୍କ ପୁଅ ଜନ୍ମ ଦିନ ଉତ୍ସବରେ ନିଜ ସମ୍ପ୍ରଦାୟର ଧର୍ମାବଲମ୍ବୀମାନଙ୍କ ସହ ପ୍ରାର୍ଥନା ଗୃହରେ ଏକାଠି ହୋଇଥିବାବେଳେ ସେମାନଙ୍କୁ ଆକ୍ରମଣ କରାଯାଇଛି। ଏନେଇ ଦଫା ୪୪୮/୨୯୪/୩୨୩/୫୦୬/୩୪ ଆଧାରରେ ଆଇପିସିରେ ମାମଲା ନଂ. ୪୦୭/୨୩ ରୁଜୁ କରାଯାଇଛି ବୋଲି ଜଗତ୍‌ସିଂହପୁର ଆଇଆଇସି ସୁଭ୍ରାଂଶୁ ପରିଡ଼ା ସୂଚନା ଦେଇଛନ୍ତି । ସେ କହିଛନ୍ତି, ଉଭୟଙ୍କ ଅଭିଯୋଗକୁ ଆଧାର କରି ତଦନ୍ତ ଚାଲିଛି । ପ୍ରାର୍ଥନା ଗୃହରେ ଯେଉଁମାନେ ଉପସ୍ଥିତ ଥିଲେ ସେମାନଙ୍କ ବୟାନ ରେକର୍ଡ କରାଯାଉଛି। ଅର୍ଥ କିମ୍ବା ଅନ୍ୟ ମାଧ୍ୟମରେ ପ୍ରଲୋଭନ ଦେଖାଇ, ବଳ ପ୍ରୟୋଗ କରି, ଠକିବା ଉଦ୍ଦେଶ୍ୟ ରଖି ଧର୍ମାନ୍ତରୀକରଣ ହେଉଥିବା କୌଣସି ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ମାମଲାର ଗମ୍ଭିରତାକୁ ଦୃଷ୍ଟିରେ ରଖି ସବୁ ଦିଗରୁ ତଦନ୍ତ ଚାଲିଥିବା ଆଇଆଇସି କହିଛନ୍ତି।

ବଜରଙ୍ଗ ଦଳ ଜିଲା ସଂଯୋଜକ ନନ୍ଦ ଓ ରାଜ୍ୟ ବିଦ୍ୟାର୍ଥୀ ପ୍ରମୁଖ ସାହୁଙ୍କ କହିବା କଥା ହେଲା ସିଂହପୁରରେ ଧର୍ମାନ୍ତରିକରଣ ହେଉଥିବା ଖବରପାଇ କେତେଜଣ କାର୍ଯ୍ୟକର୍ତ୍ତାଙ୍କ ସହ ସେମାନେ ସିଂହପୁରରେ ପହଞ୍ଚି ବାସ୍ତବତା ସମ୍ପର୍କରେ ଅନୁଧ୍ୟାନ କରୁଥିଲେ । ଏହି ସମୟରେ ସେମାନେ ଜାଣିବାକୁ ପାଇଥିଲେ ୪ ଜଣ ପରିବ୍ରାଜକ ଧର୍ମାନ୍ତରିକରଣ ପାଇଁ ଏକ ଧଳା ନମ୍ବର ବିହୀନ କାରରେ ବିପୁଳ ଟଙ୍କା ନେଇ ସେଠାରେ ପହଞ୍ଚିଥିଲେ। ଉକ୍ତ ପରିବ୍ରାଜକମାନେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଧର୍ମାନ୍ତରିକରଣ କରି ସାରିଥିଲେ। ତେବେ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତାଙ୍କୁ ଦେଖି ଉକ୍ତ ସମ୍ପ୍ରଦାୟର ଲୋକେ ମାରଣାସ୍ତ୍ର ସହ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏଭଳି ପରିସ୍ଥିତିରେ ସେମାନେ ଜଗତ୍‌ସିଂହପୁର ପୋଲିସର ସହାୟତା ନେଇଥିଲେ। ଏହାପରେ ପ୍ରଥମେ ପିସିଆର୍ ଓ ପରେ ଜଗତ୍‌ସିଂହପୁର ଆଇଆଇସି ଓ ଏସ୍‌ଡିପିଓ ପ୍ରମୁଖ ପହଞ୍ଚିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସନ୍ଦିଗ୍ଧ ପରିବ୍ରାଜକମାନଙ୍କ ସମେତ କାରଟିକୁ ପୋଲିସ ଜଗତ୍‌ସିଂହପୁର ନେଇ ଯାଇଥିଲେ। କିନ୍ତୁ ପ୍ରତିପକ୍ଷ ମଲ୍ଲିକ ପାଲଟା ଅଭିଯୋଗ କରିବାରୁ ପୋଲିସ ପୃଥକ ମାମଲା ରୁଜୁ କରିଛି।

## ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ

ରଘୁନାଥପୁର,୨୩।୬
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ପୂରଣଓ ସ୍ଥିତ ଏକ ମଣ୍ଡପରେ ଭାଜପା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନେତା ରାଜକିଶୋର ବେହେରା ସଭାପତିତ୍ୱ କରିଥିଲେ। ରାଜ୍ୟ ଏସ୍‌ସି ମୋର୍ଚ୍ଚା ସଭାପତି ବିଭୁପ୍ରସାଦ ତରାଇ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର ଓ ସୌଭାଗ୍ୟ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଜନସାଧାରଣଙ୍କ ପ୍ରତି ରହିଥିବା ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ କର୍ମକର୍ତ୍ତା ଅଶୋକ ମହାରଣା,ସୁବାସ ଜେନା, ପବିତ୍ର ଦାସ, ତ୍ରିନାଥ ବରାଳ,ଆଇନଜୀବୀ ଗଗନ ଦାଶ, ସୁବୋଧ ବାରିକ, ନିର୍ମଳ ମହାପାତ୍ର, ମଣ୍ଡଳ ସଭାପତି ଶିବପ୍ରସାଦ ଦାସ, ତରୁଣ ଦାସ, ସୁଦର୍ଶନ ପଣ୍ଡା, ସୁଶାନ୍ତ ମହାନ୍ତି,ଦିଲୀପ ମହାନ୍ତି ଓ ବିଜୟ ଦାସ ଯୋଗଦେଇ ମୋଦିଙ୍କ ଉତ୍ତମ ଶାସନ ଓ ଜନସାଧାରଣଙ୍କ ପ୍ରତି ଥିବା ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ୩ଟି ବ୍ଲକରୁ ଆସିଥିବା ଭାଜପାର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଲାଭାର୍ଥୀ ଶିବିର

ତିର୍ତ୍ତୋଲ, ୨୩।୬ (ଗୌରାଙ୍ଗ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ କନକପୁର ପଞ୍ଚାୟତରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଲାଭାର୍ଥୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନକପୁର ସରପଞ୍ଚ ରେବତୀ ମହାନ୍ତି ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିରାମ ନନ୍ଦ, ସାମାଜିକ କର୍ମୀ ଅଶୋକ କୁମାର ମହାନ୍ତି ଉପସ୍ଥିତ ରହି ଏହି ଯୋଜନାରେ ହିତାଧିକାରୀଙ୍କୁ କିଭଳି ଭାବେ ସରକାରୀ ସହାୟତା ଠିକ ଭାବେ ମିଳିବ ସେନେଇ ସମ୍ପର୍କରେ ସଚେତନ କରାଇଥିଲ। ଅନ୍ୟମାନଙ୍କ ମଧ୍ୟରେ ରଜନୀକାନ୍ତ ରାଉଳ, ରମାକାନ୍ତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ପିପିଏଲ୍‌କୁ ସମ୍ମାନଜନକ ଗ୍ରିନ୍‌ଟେକ୍ ଆୱାର୍ଡ


ପିପିଏଲ ସେଫ୍ଟି ଅଧିକାରୀ ତୁଷାରକାନ୍ତି ରାଉତ ଆୱାର୍ଡ ଗ୍ରହଣ କରୁଛନ୍ତି।

ପାରାଦୀପ,୨୩।୬ (ଶରତ ରାଉତ)

ପାରାଦୀପ ଫସ୍‌ଫେଟସ୍ ଲିମିଟେଡ୍ (ପିପିଏଲ)କୁ ପୁଣି ଥରେ ସମ୍ମାନଜନକ ଗ୍ରୀନଟେକ ସେଫ୍ଟି ଆୱାର୍ଡ ୨୦୨୩ ଶୁକ୍ରବାର ମିଳିଛି। ଦିଲ୍ଲୀ ଠାରେ ଗ୍ରୀନଟେକ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଆୱାର୍ଡ ପ୍ରଦାନ କରାଯାଇଛି। ପରିଚାଳନା କ୍ଷେତ୍ରରେ କମ୍ପାନୀର ଉଲ୍ଲେଖନୀୟ ସଫଳତା ପାଇଁ ଏଭଳି ଆୱାର୍ଡ ଲଗାତାର ଭାବେ ପାଇଛି ବୋଲି କୁହାଯାଇଛି। ଗ୍ରୀନଟେକ ଅଧ୍ୟକ୍ଷ କମଳେଶ୍ୱର ସୋରେନଙ୍କ ଠାରୁ ପିପିଏଲ ସେଫ୍ଟି ଅଧିକାରୀ ତୁଷାରକାନ୍ତି ରାଉତ ଆୱାର୍ଡ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀ ମେୟର ସେଲି ଓବରାୟ ଉପସ୍ଥିତ ଥିଲେ।

## ମୃତକଙ୍କ ୨ ନାବାଳିକା ଝିଅଙ୍କୁ ସହାୟତା

ପାରାଦୀପ,୨୩।୬ (ଶରତ ରାଉତ)

ପାରାଦୀପ ଆଦର୍ଶଥାନା ତାରିଣୀଗଡ଼ାଠାରେ ଗତ ୧୭ ତାରିଖରେ ଦୁର୍ଘଟଣା ଘଟି ଟ୍ରକ ସୁପରଭାଇଜର ସର୍ବେଶ୍ୱର ହାତୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ୨ ନାବାଳିକା ଝିଅଙ୍କୁ ଶୁକ୍ରବାର ଜଗନ୍ନାଥ ଟ୍ରକ ମାଲିକ ସଂଘର ମାଲିକଙ୍କ ପକ୍ଷରୁ ୨ ଲକ୍ଷ ୨୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଉକ୍ତ ଅର୍ଥ ୩୦୦ରୁ ଊର୍ଦ୍ଧ୍ୱ ମାଲିକ ନିଜ ମଧ୍ୟରେ ସଂଗ୍ରହ କରିଥିଲେ ବୋଲି ସଂଘର ଉପସଭାପତି ମାନସ ପାତ୍ର କହିଛନ୍ତି। ଏରସମା ଥାନା ବସନ୍ତ ଗ୍ରାମର ସର୍ବେଶ୍ୱର ଜଣେ ଟ୍ରକ ମାଲିକଙ୍କ ପାଖରେ କାମ କରୁଥିଲେ। ସେ ୧୭ ତାରିଖରେ ବାଇକ ଯୋଗେ ଲକ୍‌ପଡା ଯାଉଥିବା ବେଳେ ଏକ ସାର ବୋଝେଇ ଟ୍ରକ ସହ ଧକ୍କା ହୋଇଥିଲା।

## ୨ ନାବାଳିକାଙ୍କୁ ଉଦ୍ଧାର କଲା ପ୍ରଶାସନ

ନାଉଗାଁ,୨୩।୬(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ କୋରୁଆ ପଞ୍ଚାୟତରୁ ୨ ନାବାଳିକାଙ୍କୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଘର ନାଉଗାଁ ବ୍ଲକରେ ଓ ଅନ୍ୟ ଜଣଙ୍କ ଘର ବାଲିକୁଦା ବ୍ଲକରେ। ଉଭୟ ନାବାଳିକାଙ୍କ ବିବାହ ଯଥାକ୍ରମେ ୨୭ ଜୁନ୍ ଓ ୪ ଜୁଲାଇରେ କରିବାକୁ ସ୍ଥିର କରାଯାଇଥିଲା। ବିଶେଷସୂତ୍ରରୁ ଖବରପାଇ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ନାଉଗାଁ ଥାନା ଅଞ୍ଚଳର ୨ ଜଣ ବ୍ୟକ୍ତିଙ୍କ ଘରୁ ଉଦ୍ଧାର କରିଛି। ଏସମ୍ପର୍କରେ ନାବାଳିକାଙ୍କ ପରିବାରକୁ ଖବର ଦିଆଯାଇଥିବାବେଳେ ସେମାନଙ୍କୁ ସ୍ୱଧାର ଗୃହକୁ ପଠେଇବ ବୋଲି ଥାନା ଅଧିକାରୀ ଅନିରୁଦ୍ଧ ନାୟକ ପ୍ରକାଶ କରିଛନ୍ତି। ଏହି ଚଢ଼ାଉରେ ଏସ୍‌ଆଇ ଦୀପ୍ତିମୟୀ ବିଶ୍ୱାଳ, ସିଡିପିଓ ବାସନ୍ତୀ ମାଇନ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଓ ସାବିତ୍ରୀ ଜେନା ସାମିଲ ହୋଇଥିଲେ।

# ୯ ଦଫା ଦାବିରେ ସିପିଆଇ ପକ୍ଷରୁ ବିକ୍ଷୋଭ

ଏରସମା,୨୩।୬(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏରସମା ବ୍ଲକ କମିଟି ପକ୍ଷରୁ ଶୁକ୍ରବାର ଏରସମା ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇ ଏରସମା ଜୋନ ସମ୍ପାଦକ ସର୍ବେଶ୍ୱର ବେଉରା ଓ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବାଇକ୍ ଯୋଗେ ବାଲିତୁଠ ବଜାରଠାରୁ ଏରସମା ବ୍ଲକ ସମ୍ମୁଖସ୍ଥ ସଭାସ୍ଥଳ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲେ। ସେଠାରେ ପୀତାମ୍ବର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ ଉପସ୍ଥିତ ଥିଲେ। ଏଥିରେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ଦାସ, କୃଷକ ସଭାର ଏରସମା ବ୍ଲକ ସଭାପତି ପ୍ରସନ୍ନ କୁମାର କଅଁର ପ୍ରମୁଖ ଯୋଗଦେଇ ୯ ଦଫା ଦାବି ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବି ଗୁଡ଼ିକ ହେଲା, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବା, ୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧମାନଙ୍କୁ ଭତ୍ତା ପ୍ରଦାନ କରିବା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତାକୁ ସର୍ବନିମ୍ନ ୬ ହଜାରକୁ ବୃଦ୍ଧି କରିବା, ପେଟ୍ରୋଲ ଡିଜେଲ ଓ ରନ୍ଧନ ଗ୍ୟାସ ମୂଲ୍ୟ ହ୍ରାସ କରିବା, ଯୋଗାଣ ସାମଗ୍ରୀ ଯୋଗାଇବା ଉପରେ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା । ଏଥି ସହ ବିଜୁ ପକ୍କାଘର ଉପଯୁକ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରିବା, ଘରଡ଼ିହ ନ ଥିବା ବ୍ୟକ୍ତଙ୍କୁ ଜାଗା ପଟ୍ଟା ଯୋଗାଇ ଦେବା, ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା, ପ୍ରତି ପରିବାରକୁ ୨୦୦ ୟୁନିଟ୍ ବିଦ୍ୟୁତ୍ ମାଗଣାରେ ଯୋଗାଇ ଦେବା ଉପରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଲମ୍ବୋଦର ଖୁଣ୍ଟିଆଙ୍କୁ ପ୍ରଦାନ କରିଥିଲେ।


ସିପିଆଇ କର୍ମୀମାନେ ଏରସମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

# ସଅଁରା-କନକପୁର ରାସ୍ତା କାମର ମାନ ଯାଞ୍ଚ ପାଇଁ ଦାବି

ତିର୍ତ୍ତୋଲ, ୨୩।୬ (ଗୌରାଙ୍ଗ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ସଭାଗୃହ ପରିସରରେ ଶୁକ୍ରବାର ପଞ୍ଚାୟତ ସମିତିର ୩ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ସଭାପତିତ୍ୱ କରିଥିଲେ। ବୈଠକରେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଯୋଗଦେଇ ଜିଲା ମୁଖ୍ୟାଳୟରୁ ପ୍ରସିଦ୍ଧ ଶାରଳା ଠାକୁରାଣୀଙ୍କ ମନ୍ଦିର ସହ ସଂଯୋଗ ରହିଥିବା ସଅଁରା–କନକପୁର ରାସ୍ତା ଏବେ ପୂର୍ତ୍ତ ବିଭାଗ ଦ୍ୱାରା ଉନ୍ନତିକରଣ କାମ ଚାଲିଛି। ଏହା ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଏହି କାର୍ଯ୍ୟ ପ୍ରତି ବିଭାଗୀୟ ଅଧିକାରୀ ଦାୟିତ୍ୱର ସହ ଦୃଷ୍ଟି ଦେଉନାହାନ୍ତି। ଏହି କାମର ମାନ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ କରି ଏହାର ମାନ ଯାଞ୍ଚ କରିବାକୁ ସେ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ ଦାବି ଉପସ୍ଥାପନ କରିଥିଲେ। ବୈଠକରେ ଏଥିସହ ପାନୀୟ ଜଳ, ରାସ୍ତା, ଆବାସ ଯୋଜନା, ବିଦ୍ୟୁତ୍, ସ୍ୱାସ୍ଥ୍ୟ ସମସ୍ୟା ଉପରେ ସଦସ୍ୟ ମାନେ ବିଭିନ୍ନ ପ୍ରଶ୍ନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜଗତ୍‌ସିଂହପୁର ଜିଲାପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ବିଡିଓ ଅଟଳ ବିହାରୀ ସ୍ୱାଇଁ, ତହସିଲଦାର ଅମୂଲ୍ୟ କୁମାର ସାହୁ, ଜିଲା ପରିଷଦ ସଭ୍ୟ ରଞ୍ଜିତା ସିଂହ, ଗଙ୍ଗାଧର ବିଶ୍ୱାଳ, ସୁନୀଲ କୁମାର ବେହେରା, କୋଲର ସରପଞ୍ଚ ଉମେଶ ବେହେରା, ଗୋବିନ୍ଦପୁର ସରପଞ୍ଚ ଶୁଭଶ୍ରୀ ନାୟକ, ଗୋପାଳପୁର ସରପଞ୍ଚ ପ୍ରକାଶ ସ୍ୱାଇଁ, କନିମୂଳ ସମିତି ସଭ୍ୟ ବସନ୍ତ କୁମାର ମହାପାତ୍ର, ଗୋବିନ୍ଦପୁର ସମିତିସଭ୍ୟ ଦେବ ପ୍ରସାଦ ନାୟକ, ବିରିତୋଳ ସମିତିସଭ୍ୟ ଜରବକତ ଖାଁ ପ୍ରମୁଖଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହିଥିଲେ। ଏଥିସହ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଅନ୍ୟାନ୍ୟ ଲାଇନ ବିଭାଗର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ପଞ୍ଚାୟତ ସମିତି ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

**ତିର୍ତ୍ତୋଲ ପଞ୍ଚାୟତ ସମିତିର ୩ୟ ବୈଠକ**

## ସଂକ୍ଷେପରେ

### ବିଦ୍ୟୁତ ତାର ଲାଗି ଛାତ୍ର ଗୁରୁତର

ଗୋଚ୍ଛାପଡା,୨୨।୬(ରୋହିତ କହଁର): କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଅନ୍ତର୍ଗତ ସଲାଗୁଡା ଗ୍ରାମରେ ଶୁକ୍ରବାର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଛାତ୍ର ଜଣକ ହେଲେ କଟ୍ରିଙ୍ଗିଆ ପଞ୍ଚାୟତ ଗାଡିପଦର ଗ୍ରାମର ମିଟୁ ଦିଗାଲଙ୍କ ପୁଅ ଅମର (୧୨)। ଅମର ସଲାଗୁଡାକୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ସମସ୍ତେ ନାଚି ନାଚି ଯାଉଥିବା ବେଳେ ତଳକୁ ଝୁଲି ରହିଥିବା ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସଲାଗୁଡା ସରପଞ୍ଚ ରୋହିତ କହଁର ତାଙ୍କୁ ଗୋଚ୍ଛାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅମରଙ୍କ ଦୁଇ ଗୋଡ ପୋଡି ଯାଇଥିବା ଜଣାପଡିଛି। ଏହି ଘଟଣାରେ ସେହି ଗ୍ରାମର ମୀରା ଦିଗାଲ(୧୩) ମଧ୍ୟ ଆହତ ହୋଇଛନ୍ତି। ଫିରିଙ୍ଗିଆ ବିଡ଼ିଓ ରଶ୍ମୀରଞ୍ଜନ ମହନ୍ତ ମେଡିକାଲକୁ ଆସି ଆହତଙ୍କୁ ଦେଖା କରିବା ସହ ରେଡକ୍ରସରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

### ଶ୍ରୀଜୀଉଙ୍କ ବରାହ-ନୃସିଂହ ବେଶ

ପାରିଳାଖେମୁଣ୍ଡି,୨୩।୬(ଗିରିଧାରୀ ପରିଛା)- ପାରଳାଖେମୁଣ୍ଡି ଗୁଣ୍ଡିଚା ମନ୍ଦିରରେ ଶୁକ୍ରବାର ୩ ଠାକୁର ବରାହ-ନୃସିଂହ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି। ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ ଏହି ବେଶ ଦର୍ଶନ କରିବା ପାଇଁ ଭିଡ ଜମୁଛି। ପାରଳାଖେମୁଣ୍ଡି ସହର ସମେତ ସୀମାନ୍ତ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରୁ ମଧ୍ୟ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଆସି ଠାକୁରଙ୍କୁ ଦର୍ଶନ କରିବା ସହ ଆଳତି କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ବାହୁଡା ଯାତ୍ରା ପର୍ଯ୍ୟନ୍ତ ୩ ଠାକୁର ବିଭିନ୍ନ ଅବତାରରେ ଦର୍ଶନ ଦେବେ। ଏଥିପାଇଁ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା କମିଟି ସଦସ୍ୟମାନେ ସୂଚନା ଦେଇଛନ୍ତି। ପ୍ରତିଦିନ ପରି ଆନନ୍ଦ ବଜାରରେ ହଜାର ହଜାର ସଂଖ୍ୟକ ଭକ୍ତ ପ୍ରସାଦ ସେବନ କରିଛନ୍ତି।

### କୃଷ୍ଣ-ବଳରାମ ବେଶ ଦେଖିବାକୁ ଭିଡ଼

ଶେରଗଡ,୨୩।୬(ସୂର୍ଯ୍ୟ ନାରାୟଣ ଦାଶ)- ଶେରଗଡ଼ସ୍ଥିତ ଆଡପ ମଣ୍ଡପରେ ମହାପ୍ରଭୁ ଶୁକ୍ରବାର କୃଷ୍ଣ-ବଳରାମ ବେଶରେ ସଜ୍ଜିତ ହୋଇଛନ୍ତି। ଏହି ବେଶ ଦେଖିବା ପାଇଁ ଗୁଣ୍ଡିଚା ମନ୍ଦିରରେ ଭିଡ ଲାଗି ରହିଛି। ମନ୍ଦିର ନିକଟ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଗତସିଂହପୁରର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଛନ୍ତି। କାର୍ଯ୍ୟକ୍ରମକୁ ରଥଯାତ୍ରା କମିଟି ପକ୍ଷରୁ ଶୁଭାରମ୍ଭ କରାଯାଇଥିଲା।

### କୃଷିବିଜ୍ଞାନ କେନ୍ଦ୍ର ପରିସରରେ ୭ ମଇଁଷି ମୃତ

ଆର.ଉଦୟଗିରି,୨୩।୬(ମନୋଜ କୁମାର ପାଢୀ)-ଆର.ଉଦୟଗିରିରେ ଥିବା ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୭ଟି ମଇଁଷିଙ୍କ ମୃତ୍ୟୁ ହୋଇଛି। ମୋହନ ପଲେଇ ଓ ତିଲ ପଲେଇଙ୍କ ଏହି ମଇଁଷିଗୁଡିକ କୌଣସି କୀଟନାଶକ ଖାଇ ଦେଇଥିବା ସନ୍ଦେହ କରାଯାଇଛି। କୃଷୀ ବିଜ୍ଞାନ କେନ୍ଦ୍ର ପରିସରରେ ମରିଥିବାରୁ ମଇଁଷି ପିଛା ୨୦ ହଜାର କ୍ଷତିପୂରଣ ପ୍ରଦାନ କରିବାକୁ ମାଲିକ ଦାବି କରିଥିଲେ। ଅନ୍ୟପକ୍ଷରେ ଦୁର୍ଭାଗ୍ୟବଶତଃ ଏଭଳି ଘଟଣା ଘଟିଛି ବୋଲି ପ୍ରାଣୀ ଚିକିତ୍ସକ ପ୍ରିୟରଞ୍ଜନ ବେହେରା କହିଥିଲେ। ଜିଲା ମୁଖ୍ୟାଳୟକୁ ନମୁନା ପଠାଯାଇଛି, ରିପୋର୍ଟ ଯାହା ଆସିବ ସେହି ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ ମଧ୍ୟ ସମାନ ପ୍ରତିକ୍ରିୟା ରଖିଛନ୍ତି। ମଇଁଷି ହରାଇଥିବା ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି।

### ନୂତନ ଏସ୍‌ଡିପିଓଙ୍କ ଯୋଗଦାନ

ବାଲିଗୁଡା,୨୩।୬(ସଞ୍ଜୟ କୁମାର ପାଣିଗ୍ରାହୀ) କନ୍ଧମାଳ ଜିଲା ବାଲିଗୁଡାରେ ନୂତନ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଭାବେ ଯଶ ପ୍ରତାପ ଶ୍ରୀମଲ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୨୦ ବ୍ୟାଚର ଏହି ଆଇପିଏସ ଅଧିକାରୀ ପ୍ରଥମେ କଳାହାଣ୍ଡି ଜିଲା କେସିଙ୍ଗା ଏସଡିପିଓ ଭାବରେ ନିଯୁକ୍ତି ହୋଇଥିଲେ। ସେଠାରୁ ବଦଳି ହୋଇ ସେ ବାଲିଗୁଡା ଆସିଛନ୍ତି। ବାଲିଗୁଡା ଉପଖଣ୍ଡରେ ଆଇନ ଶୃଙ୍ଖଳା, ମାଓବାଦୀ ଦମନ ସମେତ ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ପ୍ରାଥମିକତା ଦେଇ କାର୍ଯ୍ୟ କରିବେ ବୋଲି କାର୍ଯ୍ୟରେ ଯୋଗଦେବା ଅବସରରେ ସୂଚନା ଦେଇଛନ୍ତି। ଶୁକ୍ରବାର ସେ କୋଟଗଡ ଥାନା ପରିଦର୍ଶନ କରିଛନ୍ତି।

# ପୋଖରୀ ନାଁ ବଦଳାଇ ଚାଲିଛି ହରିଲୁଟ

ବୁଗୁଡ଼ା,୨୩।୬(କାଳି ଚରଣ ଦାଶ)



ପୋଖରୀ ପାଇଁ ଜାଗା ।

ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗଞ୍ଜାମ ଜିଲା ଦେଶରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ତେବେ ଏହି ଯୋଜନାରେ କେଉଁଠି ମେସିନ ଲଗାଇ କାମ କରାଯାଇ କେବଳ କାଗଜ କଲମରେ ଶ୍ରମିକ ନିଯୁକ୍ତି ହେଉଥିବା ବେଳେ କେଉଁଠି କିଛି କାମ ନକରି କେବଳ ମଷ୍ଟର ରୋଲ ପ୍ରସ୍ତୁତି କରି ଲକ୍ଷାଧିକ ଟଙ୍କା ହରିଲୁଟ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକ କଳମ୍ବ ପଞ୍ଚାୟତ ଅନ୍ତର୍ଗତ ଦଶୀପୁର ଗ୍ରାମରେ। ଗ୍ରାମର ଜେନାସାହି ବନ୍ଧ ପୁନଃଉଦ୍ଧାର ପାଇଁ ଆର୍ଥିକ ବର୍ଷ ୨୦୨୨-୨୩ରେ ୫ଲକ୍ଷ ଟଙ୍କା ଅଟକଳ କରାଯାଇଛି। ପୂର୍ବରୁ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ପୋଖରୀକୁ ଦଶୀପୁର ବନ୍ଧ ନାମରେ ଦର୍ଶାଯାଇ ଗାର୍ଡ ୱାଲ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିଲ ହୋଇଥିଲା। ପୁଣି ଚଳିତ ବର୍ଷ ଏହି ପୋଖରୀର ନାମ ପରିବର୍ତ୍ତନ କରି ଦଶିପୁର ଜେନା ସାହି ବନ୍ଧ ଭାବେ ନାମକରଣ କରି ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ତେବେ କିଛି ଦିନ ତଳେ ଗାର୍ଡ ୱାଲ ବାହାରେ ମେସିନ ଲଗାଇ କିଛି ମାଟି ଖୋଳା ହେଲା ଏବଂ ଭୂତ ଶ୍ରମିକ ନିୟୋଜିତ କରି ମଷ୍ଟର ରୋଲ ପ୍ରସ୍ତୁତି ଆରମ୍ଭ ହେଲା। ଏ ନେଇ ଗ୍ରାମବାସୀ ଅଭିଯୋଗ କଲା ପରେ କାମ ବନ୍ଦ ହୋଇଗଲା ସିନା ପ୍ରତ୍ୟେକ ଦିନ ଭୂତ ଶ୍ରମିକ ଲଗାଇ ମଷ୍ଟର ରୋଲ ପ୍ରସ୍ତୁତି ଚାଲିଛି ଏବଂ କିଛି କାମ ନ କରି ଦଶୀପୁର ଜେନା ସାହି ପୋଖରୀ ପଙ୍କ ଉଦ୍ଧାର ନାମରେ ମିଥ୍ୟା ବିଲ ମଧ୍ୟ ପ୍ରସ୍ତୁତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ମିଥ୍ୟା ମଷ୍ଟର ରୋଲ ମାଧ୍ୟମରେ ସମୁଦାୟ ୨୩୦ ଜଣ ଶ୍ରମିକ ନିୟୋଜିତ ହୋଇଥିବା ଦର୍ଶାଯାଇ ୨ ଲକ୍ଷ ୨୫ ହଜାର ୮୬୧ ଟଙ୍କା ପ୍ରଦାନ କରାଯାଇ ୧୦୬୪ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ମନରେଗା ୱେବ ସାଇଟରୁ ଗ୍ରାମବାସୀ ଦେଖିବା ପରେ ତାଜୁବ ହୋଇଯାଇଛନ୍ତି। ଗୋଟିଏ ପଟେ କାମ ବନ୍ଦ ଥିବା ବେଳେ କୌଣସି ସୂଚନା ଫଳକ ନ ଲଗାଇ କେବଳ କାଗଜପତ୍ରରେ କାମ ଚାଲିଥିବା ଦର୍ଶାଇ ହରିଲୁଟ ଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ସେ ଏହାର ତଦନ୍ତ କରିବା ପାଇଁ ଘଟଣାସ୍ଥଳକୁ ଯାଇ ଦେଖିବେ ବୋଲି କହିଥିଲେ।

## କଳାକାର ସଂଘ ପକ୍ଷରୁ ଦାବିପତ୍ର



ବରିଷ୍ଠ କଳାକାର ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବେଲଗୁଣ୍ଠା,୨୩।୬(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବରିଷ୍ଠ କଳାକାର ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କଳା ଓ କଳାକାର ହିତୈଷୀ ମହାମଞ୍ଚ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘର ଆହ୍ୱାନ କ୍ରମେ ଶୁକ୍ରବାର ବେଲଗୁଣ୍ଠା ବରିଷ୍ଠ କଳାକାର ମହାସଂଘର କର୍ମକର୍ତ୍ତା ଏବଂ ଶତାଧିକ କଳାକାର ଶୋଭାଯାତ୍ରା କରିବା ସହିତ ବିଡିଓ ରୋଶନ୍ ଶତପଥୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ୭୬୦ ଲିଟର ମଦ ଜବତ, ୧ ଗିରଫ



ଗିରଫ ଅଭିଯୁକ୍ତ ସହ ଜବତ ମଦ ଓ ଡ଼ାଲା ଅଟୋ ।

ଖଲ୍ଲିକୋଟ,୨୩।୬(ପ୍ରଶାନ୍ତ ମିଶ୍ର)

ଖଲ୍ଲିକୋଟ ଥାନା ଅଞ୍ଚଳରେ ଚୋରା ଦେଶୀ ମଦ କାରବାର ରୋକିବା ପାଇଁ ପୋଲିସ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉକରିଛି। ଶୁକ୍ରବାର ସକାଳେ ଗୁହାରିଆପାଟ ଅଞ୍ଚଳରୁ କବିସୂର୍ଯ୍ୟନଗର ଅଭିମୁଖେ ଏକ ଡାଲା ଅଟୋ ଯୋଗେ ଦେଶୀ ମଦ ଚୋରା ଚାଲଣ ହେଉଥିବା ବେଳେ ପୋଲିସ ମୁକୁନ୍ଦପୁର ଛକରେ ଚଢ଼ାଉ କରିଥିଲା। ଡାଲା ଅଟୋ (ନଂ ଓଡି ୦୭ ଏଜି ୬୦୨୧) କୁ ଜବତ କରିବା ସହ ଅଟୋରୁ ୭୬୦ ଲିଟର ମଦ ଜବତ କରିଥିଲା। ମଦ ଚାଲାଣ ଅଭିଯୋଗରେ କବିସୂର୍ଯ୍ୟନଗର ଥାନା ବଡ଼ମହୁରିଆ ଗ୍ରାମର ଭଗବାନ ପ୍ରଧାନଙ୍କୁ ଗିରଫ କରିଥିଲା ପୋଲିସ। ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସ ନମ୍ବର ୪୪୮/୨୦୨୩ ଅନୁଯାୟୀ ପୋଲିସ ମାମଲା ରୁଜୁକରି ଗିରଫ ହୋଇଥିବା ଭଗବାନଙ୍କୁ କୋର୍ଟ ଚାଲାଣ କରିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପୋଲସରା,୨୩।୬(ସୁବ୍ରତ ବେହେରା)

ପୋଲସରା ଥାନା ଅନ୍ତର୍ଗତ ମାଳତେନ୍ତୁଳିଆ ପଞ୍ଚାୟତ ହଂସାରାଳି ଗ୍ରାମର ଜଣେ ଯୁବକଙ୍କ ମୃତଦେହ କାନକାଟି କାଜୁ ତୋଟାରୁ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଛି। ସେ ହେଲେ ଜୟଦେବ ସ୍ୱାଇଁଙ୍କ ପୁଅ ଚନ୍ଦନ (୨୩)। ଚନ୍ଦନ ୫ ଦିନ ହେବ ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ପାଇପାରି ନ ଥିଲେ। ଶୁକ୍ରବାର କାଜୁ ତୋଟାରେ ଏକ ମୃତଦେହ ଝୁଲୁଥିବା ଗ୍ରାମର କେତେଜଣ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ଚନ୍ଦନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଚନ୍ଦନଙ୍କ ବାପାଙ୍କ କହିବା ଅନୁଯାୟୀ, ପୂର୍ବରୁ ଶାସନ ଗ୍ରାମର ଜଣଙ୍କ ସହ ପୁଅର ଗଣ୍ଡଗୋଳ ହୋଇଥିଲା। ସେ ମାରିଦେବ ବୋଲି କୁଆଡେ ପୁଅକୁ ଧମକ ଦେଇଥିଲା ବୋଲି ଜୟଦେବ କହିଛନ୍ତି। ଘୁମୁସର ଜିଲା ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ ଚନ୍ଦନଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଘଟଣା ଉପରେ ପୋଲିସ ସହିତ ଆଲୋଚନା କରିଥିଲେ। ପୋଲିସ ୭/୨୦୨୩ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଏଏସଆଇ ଦାମୋଦର ଦେହୁରୀ ସୂଚନା ଦେଇଛନ୍ତି।

## ବିଲରେ ଟଳି ପଡିଲେ ଚାଷୀ

ବୁଗୁଡ଼ା,୨୩।୬(କାଳିଚରଣ ଦାଶ): ବୁଗୁଡ଼ା ବ୍ଲକ ପାଙ୍ଗିଡି ପଞ୍ଚାୟତ ଅନ୍ତର୍ଗତ ଟିକରପଡା ଗ୍ରାମ ନୂଆଁସାହିର ଜନୈକ ଚାଷୀ ବିଲରେ ଟଳି ପଡ଼ିବା ଏବଂ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଚାଷୀ ଜଣକ ହେଲେ ପଞ୍ଚାନନ ମହାରଣା। ଗୁରୁବାର ପଞ୍ଚାନନ ବିଲରେ ଚାଷକାମ କରୁଥିବା ବେଳେ ହଠାତ୍ ଟଳି ପଡିଲେ। ଆଖପାଖରେ କାମ କରୁଥିବା ଲୋକେ ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ମୁକ୍ତା ଯୋଜନା ପ୍ରକଳ୍ପ ନିର୍ମାଣ ପ୍ରକ୍ରିୟା ଆରମ୍ଭ

ଗଞ୍ଜାମ,୨୩।୬(ବିଦ୍ୟାଧର ସାହୁ)



ନିର୍ମାଣ ସ୍ଥଳ ପରିଦର୍ଶନ କରୁଛନ୍ତି ନିର୍ବାହୀ ଅଧିକାରୀ

**ଗଞ୍ଜାମ ଏନ୍‌ଏସି**

ଗଞ୍ଜାମ ଏନ୍‌ଏସିରେ ମୁକ୍ତା ଯୋଜନାରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ୧ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଶୁକ୍ରବାର ଉନ୍ନୟନ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ଅବିନାଶ ମିଶ୍ର ବିଭିନ୍ନ ପ୍ରକଳ୍ପ ପାଇଁ ସ୍ଥାନ ଅନୁଧ୍ୟାନ କରିଛନ୍ତି। ୧ ନଂ. ୱାର୍ଡ ପଣ୍ଡାସାହି ଠାରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ତାହା ସମ୍ମୁଖରେ ପାର୍କିଂ ଓ ପାର୍କ ଖୁବଶୀଘ୍ର ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଇଓ ମିଶ୍ର ସୂଚନା ଦେଇଛନ୍ତି। ଏଥିପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ସେ କହିଛନ୍ତି। ଇଓଙ୍କ ଅନୁଧ୍ୟାନ ବେଳେ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା, ମୁକ୍ତା ଯୋଜନା ଅଧିକାରୀ ଚିନ୍ମୟୀ ପୃଷ୍ଟି, ମହିଳା କନିଷ୍ଠ ଯନ୍ତ୍ରୀ ବିଷ୍ଣୁ ପ୍ରିୟା ସାବତ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଅନ୍ୟାନ୍ୟ ୱାର୍ଡ ପାଇଁ ୧୯ ଟି ପ୍ରକଳ୍ପ ନିମନ୍ତେ ପ୍ରାୟ ୧ କୋଟି ୮୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ମୁକ୍ତା ଯୋଜନାରେ ରାସ୍ତା ଘାଟ ନିର୍ମାଣ, ଚଲାପଥ, ଉଦ୍ୟାନ, ପୋଖରୀ ପୁନରୁଦ୍ଧାର ଏବଂ ଓପନ ଜିମ ଆଦି ନିର୍ମାଣ ହେବ ବୋଲି ଇଓ ସ୍ପଷ୍ଟ କରିଛନ୍ତି ।

## ଟିପ୍ପର ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୨୩।୬(ଗିରିଧାରୀ ପରିଛା): ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ସାତମାଇଲ ଛକ-ବାଘଶଳା ଗ୍ରାମ୍ୟ ମୁଖ୍ୟ ରାସ୍ତା ଅନ୍ତର୍ଗତ କୁଦୁଡା ନିକଟରେ ଟିପ୍ପର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଘଶଳା ଗ୍ରାମ ହରିଜନ ସାହିର ମୋହନ ରାଓ (୩୬)। ସାତମାଇଲ ଛକକୁ ଚିକେନ କ୍ରୟ କରି ଗ୍ରାମକୁ ଫେରୁଥିବା ବେଳେ ଟିପ୍ପରଟି ତାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରଙ୍କୁ ସହାୟତା ପାଇଁ ରାସ୍ତା ଅବରୋଧ କରିଥିଲେ। ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

## ଡିଗ୍ରୀ ମହାବିଦ୍ୟାଳୟର ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା



ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରମ୍ଭା,୨୩।୬(ବନବାସୀ ସେଠୀ)

ସ୍ଥାନୀୟ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅଧ୍ୟକ୍ଷ ଅଭିମନ୍ୟୁ ସାହୁଙ୍କ ପୌରହିତ୍ୟରେ ପରିଚାଳନା କମିଟିର ନୂତନ ସଭାପତି ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ପୂର୍ବତନ ସଭାପତି, ସମ୍ପାଦକ ତଥା ମୋ କଲେଜ ପରିଚାଳନା ସଂଗଠନର ସକ୍ରିୟ ସଦସ୍ୟ ସୁବାସ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। +୨ ଅଧ୍ୟାପକ ଡ଼ଃ ରଞ୍ଜନ କୁମାର ଦାଶ ଓ ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରସାଦ ରାଓ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ନୂତନ ସଭାପତିଙ୍କୁ ସ୍ୱାଗତ ଜଣାଇଥିଲେ। ଶେଷରେ ଓଡ଼ିଆ ଅଧ୍ୟାପକ ଡ଼ଃ ଭାସ୍କର ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଉଟସୋର୍ସିଂ କର୍ମଚାରୀଙ୍କ ଧାରଣା

ଫୁଲବାଣୀ,୨୩।୬(ରାକେଶ ରାଉତ): ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଆଉଟ ସୋର୍ସିଂ କର୍ମଚାରୀମାନେ ଧାରଣା ଦେଇଛନ୍ତି । ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ସହ ଆଉଟସୋର୍ସିଂ ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ଧାରଣା ଦିଆଯାଇଛି। ସଂଘ ପକ୍ଷରୁ ଦୀର୍ଘ ଦିନ ହେଲା ଏହି ଦାବି ହୋଇଆସୁଥିଲେ ମଧ୍ୟ ସରକାର ଏ ନେଇ ବାରମ୍ବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ରାଜ୍ୟ ଆଉଟସୋର୍ସିଂ କର୍ମଚାରୀ ସଂଘ ସ୍ଥିର କରିଛି। ରାଜ୍ୟ ସଂଘର ଆହ୍ୱାନ କ୍ରମେ ଜିଲାର ସମସ୍ତ ଆଉଟସୋର୍ସିଂ କର୍ମଚାରୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବା ସହିତ ଦାବି ପୂରଣ ପାଇଁ ସ୍ଲୋଗାନ ଦେଇଛନ୍ତି। ପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲା ସଭାପତି ବିଜୟଲକ୍ଷ୍ମୀ ପଣ୍ଡା, ଉପସଭାପତି ସତ୍ୟ ନାରାୟଣ ପଣ୍ଡା, ସମ୍ପାଦକ ଜିତେନ୍ଦ୍ର ମାର୍ଥା ପ୍ରମୁଖଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଶତାଧିକ ଆଉଟସୋର୍ସିଂ କର୍ମଚାରୀ ଧାରଣା ଦେଇଥିଲେ।

## କୂଅରେ ପଡ଼ି ଜଣେ ମୃତ

ବୁଗୁଡ଼ା,୨୩।୬(କାଳିଚରଣ ଦାଶ): ବୁଗୁଡ଼ା ଥାନା ଅନ୍ତର୍ଗତ ବି.କରଡ଼ାବାଡ଼ି ଗ୍ରାମର ଖଦାଳସାହି ଅଙ୍ଗନୱାଡି କେନ୍ଦ୍ର ନିକଟରେ ଥିବା ଏକ ପଥର କୂଅରେ ପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଖଦାଳସାହିର ଅଳିଅ ନାଇକ(୫୩)। ଶୁକ୍ରବାର ରାତି ପ୍ରାୟ ୮ ଟା ସମୟରେ ଅଳିଅ କୂଅ ଚାନ୍ଦିନି ଉପରେ ବସିଥିବା ବେଳେ ଅସାବଧାନତା ବଶତଃ ଭିତରକୁ ଖସିପଡି ବୁଡି ଯାଇଥିଲେ। ଖବର ପାଇ ବୁଗୁଡ଼ା ଦମକଳବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ପରଳ ଚକ୍ଷୁ ଚିକିତ୍ସା ଶିବିର




ଚକ୍ଷୁ ଚିକିତ୍ସା ଶିବିରରେ ବୃଦ୍ଧବୃଦ୍ଧା।

ପୋଲସରା,୨୩।୬(ସୁବ୍ରତ ବେହେରା)

ଓମ୍ ଚାରିଟେବୁଲ ଟ୍ରଷ୍ଟ ଏବଂ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଖୋଳ ହିଞ୍ଜିଳିକାଟୁ ମିଳିତ ଆନୁକୂଲ୍ୟରେ ଏକ ମାଗଣା ପରଳ ଚକ୍ଷୁ ଚିକିତ୍ସା ଶିବିର ଚିରିକିପଡ଼ା ଶାସନ ହାଇସ୍କୁଲ ପାଖ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରରେ ଟ୍ରଷ୍ଟର ପ୍ରତିଷ୍ଠାତା ଦେବେଶ କୁମାର ସାହୁ, ସିଫାନି ସାହୁ, ସୁଦାମ ଜେନା ଏବଂ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ସମସ୍ତ ପ୍ରକାର ଚକ୍ଷୁର ପରୀକ୍ଷା ନିଃଶୁଳ୍କ କରାଯାଇଥିଲା। ମୋଟ ୭୮ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶଙ୍କର ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ ମ୍ୟାନେଜର ନଳିନୀକାନ୍ତ ରାଉତ, ଚିଫ ଅପଟୋମେଟ୍ରିଷ୍ଟ ସୁକେଶ ପାଣିଗ୍ରାହୀ, ଚକ୍ଷୁ ଟେକ୍ନିସିଆନ୍ ପାୟଲ ଗୌଡ଼, ସୋନାଲି ସ୍ୱାଇଁ, କଲ୍ୟାଣୀ ବିଷୋୟୀ, ରଘୁନାଥ ପାଢି ଉକ୍ତ ଶିବିର ପରିଚାଳନା କରିଥିଲେ।

## ସାମାନ୍ୟ ବର୍ଷାରେ ଧୋଇଗଲା ଷ୍ଟାଡିୟମ

ବେଗୁନିଆପଡ଼ା,୨୩।୬(ସୁଶାନ୍ତ ପଟ୍ଟନାୟକ)



ଧୋଇ ହୋଇଯାଇଥିବା ଇନଡୋର ଷ୍ଟାଡିୟମର କାନ୍ଥ।

କୋଦଳା ଏନ୍‌ଏସିରେ ନିର୍ମାଣାଧୀନ ଇନଡୋର ଷ୍ଟାଡିୟମ ଗୁରୁବାର ଅପରାହ୍ନରେ ସାମାନ୍ୟ ବର୍ଷାରେ ଧୋଇଯାଇଛି। ଷ୍ଟାଡିୟମର ପାର୍ଶ୍ୱ କାନ୍ଥ ସହ ଏକ ଅଂଶ ଧୋଇଯାଇଛି। ୨୦୨୧ ଡିସେମ୍ବର ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୋଦଳା ତହସିଲ ପଡିଆରେ ବହୁମୁଖୀ ଇନଡୋର ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାପରେ ଉକ୍ତ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ନିମ୍ନମାନର କାର୍ଯ୍ୟ ହୋଇଥିବା ଏନ୍‌ଏସିର ଲୋକ ପ୍ରତିନିଧି ଅଭିଯୋଗ କରିଛନ୍ତି । ସାମାନ୍ୟ ବର୍ଷାରେ ଇନଡୋର ଷ୍ଟାଡିୟମର ଧୋଇ ଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଓ ରାଜ୍ୟ ଭାଜପା ଉପସଭାପତି ଅନୀତା ଶୁଭଦର୍ଶନୀ ଜିଲାପାଳଙ୍କ ଠାରେ ଦାବି କରିଛନ୍ତି। ସେପଟେ ଘଟଣାକୁ ନେଇ ପ୍ରଶାସନ ମୁହଁ ଖୋଲୁ ନଥିବା ବେଳେ ମାତ୍ରାଧିକ ପିସି କାରବାର ଓ ବିଧାୟିକାଙ୍କ ସଂପୃକ୍ତିକୁ ନେଇ ତଦନ୍ତ କରାଯିବାକୁ କବିସୂର୍ଯ୍ୟନଗର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ରଞ୍ଜନ ପଲେଇ ଦାବି କରିଛନ୍ତି ।

# ଦିନକୁ ୨୦ଥର ବିଦ୍ୟୁତ୍ କାଟ୍

- ଟାଟା ପାୱାର କାର୍ଯ୍ୟ ବିରୋଧରେ ପ୍ରତିବାଦ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର

ଧର୍ମଶାଳା, ୨୩।୬(ବଟକୃଷ୍ଣ ପରିଡ଼ା):

ବିଦ୍ୟୁତ୍ ବିତରକ କମ୍ପାନୀ ଟାଟା ପାୱାରର ମନୋମୁଖି କାର୍ଯ୍ୟକୁ ବିରୋଧ କରି ଶୁକ୍ରବାର ଧର୍ମଶାଳା ଭାଜପା ପକ୍ଷରୁ ଜାରକା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଛି। ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାରେ କର୍ମୀ ଶାନ୍ତିବଜାରସ୍ଥିତ ପାର୍ଟି କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଜାରକା ବଜାର ପରିକ୍ରମା କରି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ନିକଟରେ ପହଞ୍ଚି ନାରାବାଜି କରିବା ସହିତ ପ୍ରତିବାଦ ସଭା କରିଥିଲେ।

ରାଜ୍ୟ ସରକାର ଟାଟା ପାୱାରକୁ ବିଦ୍ୟୁତ୍ ବିତରଣ ଦାୟିତ୍ୱ ହସ୍ତାନ୍ତର କରି ବେଶ ମୁନାଫା କମାଉଥିବାବେଳେ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାଟା ପାୱାର ଦାୟିତ୍ୱ ହାତକୁ ନେବା ପରେ ଦିନକୁ ୨୦ ଥର ବିଦ୍ୟୁତ୍ କାଟ ହେବା ସହ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସଂଯୋଗ ବନ୍ଦ ରହୁଛି। ଭିତ୍ତିଭୂମି ନ ସଜାଡ଼ି ପୁରୁଣା ବିଲ ଆଦାୟ ଆଳରେ ଗରିବ ଉପଭୋକ୍ତାଙ୍କୁ ବିହାରୀ ଗୁଣ୍ଡାମାନେ ନିର୍ଯାତନା ଦେବା ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରୁଛନ୍ତି। ପ୍ରକୃତ ଦେୟ ଅପେକ୍ଷା ଟାଟାପାୱାର ବସାଇଥିବା ମିଟର ଗୁଡ଼ିକରେ ଅଧିକ ବିଲ ଆସୁଛି, ଯାହାକୁ ପାଇଠ କରିବା ଜଣେ ଗରିବ ପରିବାରକୁ କଷ୍ଟସାଧ୍ୟ ହେଉଛି। ଏସମ୍ପର୍କରେ ଯାହାକୁ କହିଲେ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ବିହାରୀ ଗୁଣ୍ଡାମାନେ ଜୋର ଜବରଦସ୍ତ ଘରେ ପସି ଉପଭୋକ୍ତାଙ୍କ ଉପରେ ଅଧିକ ପରିମାଣର ଜରିମାନା କରୁଛନ୍ତି। ଘରେ ଥିବା ମହିଳାଙ୍କ ଭିଡିଓ ଉଠାଇ ନେଉଥିବା ମଧ୍ୟ ଅଭିଯୋଗ ହେଉଛି। ରାଜ୍ୟ ସରକାର ଜାଣିଶୁଣି ଏକ ଗୁଣ୍ଡାମୀ କମ୍ପାନୀ ହାତରେ ବିଦ୍ୟୁତ୍ ବିତରଣ ଦାୟିତ୍ୱ ଦେଇ ଉପଭୋକ୍ତାଙ୍କୁ ଶୋଷଣ କରୁଛନ୍ତି ବୋଲି ଭାଜପା ନେତ୍ରୀ ଅଭିଯୋଗ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଏକ ଦାବିପତ୍ର ଜାରକା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ଉପସଭାପତି ବିଭୁତି ଭୂଷଣ ଜେନା, ଜିଲା ସମ୍ପାଦକ ମୁରଲି ପାଣ୍ଡବ, ବିବେକ ଗନ୍ତାୟତ, ହେମନ୍ତ ରାଉତ, ରମେଶ ରାଉତ, ହେମନ୍ତ ଆଚାର୍ଯ୍ୟ, ତପନ ମାହୁନ୍ତ, ଅର୍ଜୁନ ନାୟକ, କୁଳମଣି ମଲିକ, କିରଣ ଜେନା, ଗୌରାଙ୍ଗ ପୃଷ୍ଟି, ଶ୍ରୀକାନ୍ତ ପ୍ରଧାନ ଓ ଆନନ୍ଦ ବାରିକ ପ୍ରମୁଖ ଯୋଗଦେଇଥିଲେ।


ଜାରକା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଉଛି।

## ସଂକ୍ଷେପରେ

### ବ୍ଲକ ଅଧ୍ୟକ୍ଷଙ୍କୁ ଗାଁରେ ବିରୋଧ

ଧର୍ମଶାଳା, ୨୩।୬(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ କୁମାରୀ ପଞ୍ଚାୟତର ସମିତିସଭ୍ୟ ତଥା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଶୁକ୍ରବାର ସେ କୁମାରୀ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ କାମ ତଦାରଖ କରିବା ସହ ଆବଶ୍ୟକ ସ୍ଥାନରେ କାମ କରିବା ପାଇଁ ନିଜର ସମର୍ଥକଙ୍କ ସହିତ ୱାର୍ଡ ବୁଲୁଥିଲେ। କିଛି ୱାର୍ଡ ବୁଲିବା ପରେ ସେ ଭୁଲାଖାଇସ୍ଥିତ ମନ୍ଦିରର ଭିତ୍ତିଭୂମି ଦେଖିବାକୁ ୨ ନମ୍ବର ୱାର୍ଡକୁ ଯାଉଥିବାବେଳେ ସେହି ୱାର୍ଡର କେତେକ ଯୁବକ ତାଙ୍କୁ ଗାଁରେ ପସିବାକୁ ବାରଣ କରିଥିଲେ। ଫଳରେ ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ବ୍ଲକ୍ ଅଧ୍ୟକ୍ଷଙ୍କ ସମର୍ଥକ ଓ ସ୍ଥାନୀୟ ଯୁବକଙ୍କ ମଧ୍ୟରେ କଥାକଟାକଟି ହୋଇଥିଲା। ପରେ ଅଧ୍ୟକ୍ଷ ସେଠାରୁ ଫେରିଆସିଥିଲେ। ଏ ସମ୍ପର୍କରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିରୋଧ ସମ୍ପର୍କରେ ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ଗଞ୍ଜେଇ ଜବତ, ଜଣେ ଗିରଫ

ଛତିଆ, ୨୩।୬(ସୌମ୍ୟ ରଞ୍ଜନ ସାହୁ): ଯାଜପୁର ଜିଲାର ବଡ଼ଚଣା, ଛତିଆ, ଚଣ୍ଡିଖୋଲ ଓ ବାଲିଚନ୍ଦ୍ରପୁର ଅଞ୍ଚଳରେ ଦିନକୁଦିନ ଚୋରା ନିଶା କାରବାର ବଢ଼ୁଛି। ଏଥିରେ ରୋକ୍ ଲଗାଇବା ପାଇଁ ଯାଜପୁର ଏସ୍‌ପି ବିନୀତ ଅଗ୍ରୱାଲ ତୀକ୍ଷ୍ଣ ନଜର ରଖିଛନ୍ତି। ଶୁକ୍ରବାର ଚଣ୍ଡିଖୋଲ ନିକଟରେ ଚୋରାଗଞ୍ଜେଇ କାରବାର ହେଉଥିବାବେଳେ ଏସ୍‌ପିଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ପୋଲିସ ଫୋର୍ସ ଚଢ଼ାଉ କରିଛି। ଏହି ସମୟରେ ୭ କିଲୋ ଗ୍ରାମ ଗଞ୍ଜେଇ ଓ ଏକ ବାଇକ୍ ଜବତ କରାଯାଇଛି। ଏଥିସହିତ ଘଟଣାରେ ସମ୍ପୃକ୍ତ ଜଣେ ବେପାରୀଙ୍କୁ ଗିରଫ କରାଯାଇଛି। ଉକ୍ତ ଚୋରା ଗଞ୍ଜେଇ ବେପାରୀ ପୋଲିସକୁ ଦେଖି ଦ୍ରୁତଗତିରେ ଛତିଆ ଅଭିମୁଖେ ପଳାଇ ଆସୁଥିଲେ। ବୈରୀ ଥାନା ଏସ୍‌ଆଇ ଜହର ଆବେଦିନ, କନଷ୍ଟେବଲ ଦିଲୀପ ରାଉତ ପିଛା କରି ଚମ୍ପାପୁର ହାଟ ନିକଟରୁ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଏନେଇ ଥାନାରେ ନଂ.୧୨୦/୨୩ରେ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ବେପାରୀଙ୍କୁ କୋର୍ଟଚାଲାଣ କରାଯାଇଛି।

### ଏନ୍‌ଇଇଟି ପରୀକ୍ଷାରେ ଲଲାଟେନ୍ଦୁଙ୍କ ସଫଳତା



ପାଣିକୋଇଲି, ୨୩।୬(ବିକାଶ କୁମାର ମଲ୍ଲିକ): ସର୍ବଭାରତୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷା (ଏନଇଇଟି)ରେ କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ସରସଦା ଗ୍ରାମର ଲଲାଟେନ୍ଦୁ ସାହୁ ସଫଳତା ହାସଲ କରିଛନ୍ତି। ମୋଟ୍ ୭୨୦ ନମ୍ବରରୁ ସେ ୬୬୦ ନମ୍ବର ରଖି ସର୍ବଭାରତୀୟସ୍ତରରେ ୪୬୮୩ ର୍‍ୟାଙ୍କରେ ରହିଛନ୍ତି। ଲଲାଟେନ୍ଦୁ ଶିକ୍ଷକ ଲମ୍ବୋଦର ସାହୁ ଓ ଲାବଣ୍ୟବାଳା ସାହୁଙ୍କ ପୁଅ। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ନିଜ କର୍ତ୍ତବ୍ୟ ସମ୍ପାଦନା କରିବା ସହ ଜନସେବାରେ ନିଜକୁ ଉତ୍ସର୍ଗୀକୃତ କରିବେ ବୋଲି ସେ କହିଛନ୍ତି।

## ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

ପାଣିକୋଇଲି, ୨୩।୬ (ବିକାଶ କୁମାର ମଲ୍ଲିକ):

ପାଣିକୋଇଲି ମା'ତାରିଣୀ ମହାବିଦ୍ୟାଳୟ ନିକଟରେ ଘରଭଡ଼ା ନେଇ ରହୁଥିବା ଜଣେ ଶିକ୍ଷକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ ହେଲେ କୋରେଇ ବ୍ଲକ ଅନ୍ତର୍ଗତ ମକୁନ୍ଦପୁର ପଞ୍ଚାୟତର ବଳରାମ ଦାସଙ୍କ ପୁଅ ବିଜୟ କୁମାର ଦାସ (୫୩)। ବିଜୟ କେନ୍ଦୁଝର ଜିଲା ଖଲଣାସ୍ଥିତ ସେଣ୍ଟ୍ ଜାଭିୟର ଇଂଲିଶ ମିଡିୟମ ସ୍କୁଲରେ ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରୁଥିଲେ। ପ୍ରତିଦିନ ପାଣିକୋଇଲିରୁ କର୍ମକ୍ଷେତ୍ରକୁ ଯିବା ଆସିବା କରୁଥିଲେ। ଶୁକ୍ରବାର କୌଣସି ଏକ ଜରୁରୀକାର୍ଯ୍ୟରେ ନିଜ ବାଇକ୍ (ଓଡି-୩୪-ଆର୍-୬୪୬୦)ରେ ଆନନ୍ଦପୁର ଯାଉଥିବାବେଳେ ପାଣିକୋଇଲି ଟୋଲଗେଟଠାରୁ ଅନତି ଦୂରରେ ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଦାସ ଜଣେ ମେଳାପୀ ଓ ପରୋପକାରୀ ଶିକ୍ଷକ ଭାବେ ପରିଚିତ ଥିଲେ। ତାଙ୍କ ଆକସ୍ମିକ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।


ମୃତ ବିଜୟ କୁମାର ଦାସ।

## ଅନ୍ତର୍ଜାତୀୟ ଯୋଗ ଦିବସ

ଯାଜପୁର ଟାଉନ, ୨୩।୬(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯୋଗ ପ୍ରଚାର ସମିତି, ପତଞ୍ଜଳି ଯୋଗ ସମିତି ଓ ଅନେକ ଅଗ୍ରଣୀ ଏବଂ ଆଧ୍ୟାତ୍ମିକ ସଂଗଠନ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପ୍ରାଙ୍ଗଣରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ହେଉଛି ଆମ ଭାରତୀୟ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ। ପ୍ରାଚୀନ କାଳରୁ ମୁନିଋଷିଙ୍କ ଦ୍ୱାରା ସୁସ୍ଥ, ସରଳ ଓ ନିରାମୟ ତଥା ଶାନ୍ତି, ମୈତ୍ରୀ ଓ ସଂପ୍ରିତି ଜୀବନଯାପନ ପାଇଁ ଯୋଗ ଆରମ୍ଭ କରାଯାଇଥିଲା, ଯାହା ବର୍ତ୍ତମାନ ଭାରତ ବିଶ୍ୱକୁ ଯୋଗର ମହାତ୍ମ୍ୟ ସମ୍ବନ୍ଧରେ ବିଂଶ ଶତାବ୍ଦୀରେ ପରିଚୟ ପ୍ରଦାନ କରିଛି। ଯୋଗ ଏବେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବିଗତ କୋଭିଡ ମହାମାରୀ ପରେ ବହୁଳ ଭାବେ ଆଦୃତ ହୋଇପାରିଛି ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଡ. ଦିବ୍ୟ ଲୋଚନ ମହାନ୍ତ କହିଥିଲେ।

ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା ଯୋଗଦେଇ, ଯୋଗ ମନୁଷ୍ୟର ଆତ୍ମାକୁ ପରମାତ୍ମା ସହ ସଂଯୋଗ କରିବାର ଏକ ପ୍ରକ୍ରିୟା ବୋଲି କହିବା ସହ ସମସ୍ତ ଇନ୍ଦ୍ରିୟ ଓ ଶରୀରକୁ ସୁସ୍ଥ ରଖେ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଯାଜପୁର ପୌର ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଯୋଗଦେଇ ଯୋଗ ଦ୍ୱାରା ମନୁଷ୍ୟର ମସ୍ତିଷ୍କ ଭାରମୁକ୍ତ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଶିବରରେ ଯୋଗ ଗୁରୁ ସୁବାସ ତ୍ରିପାଠୀ, ମନ୍ମଥ ସାମଲ ଏବଂ ଗୋପୀନାଥ ସେଠୀ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିବା ବେଳେ ଋତୁପର୍ଣ୍ଣା ସାହୁ ଓ କିରଣ କୁମାର ମଲ୍ଲିକ ମଞ୍ଚରେ ଯୋଗ ପ୍ରଦର୍ଶନ କରି ବିଭିନ୍ନ ସ୍କୁଲ ଏବଂ କଲେଜରୁ ଆସିଥିବା ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟା, ସଦସ୍ୟଙ୍କୁ ଯୋଗଭ୍ୟାସ ଶିକ୍ଷା ପ୍ରଦାନ କରିଥିଲେ। ଯୋଗ ସମିତି ସଭାପତି ପ୍ରବୋଦ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଦିବସରେ ସରକାରୀ ଅଧିକାରୀ ଓ ସହରର ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଜିଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକ, ପ୍ରଫୁଲ ସାମଲଙ୍କ ସହ ବହୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ପ୍ରମୁଖ ଯୋଗ ଦେଇଥିଲେ।

## ତମାଖୁମୁକ୍ତ ଜିଲା ଗଠନ ପାଇଁ ପରାମର୍ଶ


ତମାଖୁ ମୁକ୍ତ ଯୁବା ଅଭିଯାନର ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ତମାଖୁ ମୁକ୍ତ ଯୁବା ଅଭିଯାନର ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ**

ଯାଜପୁର ଟାଉନ, ୨୩।୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିର୍ଦ୍ଦେଶରେ ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ତମାଖୁ ମୁକ୍ତ ଯୁବା ଅଭିଯାନ-୨୦୨୩ର ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ବର୍ଷର ବାର୍ତ୍ତା 'ତମାଖୁକୁ ନା କୁହନ୍ତୁ' ସମ୍ବନ୍ଧରେ ଆଲୋଚନା କରାଯିବା ସହ ତମାଖୁ ବର୍ଜନ ପାଇଁ ଶପଥ ଗ୍ରହଣ କରାଯାଇଛି। ଜିଲାକୁ ତମାଖୁ ମୁକ୍ତ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟେକ ଅଧିକାରୀଙ୍କୁ ପ୍ରଥମେ ନିଜ କାର୍ଯ୍ୟାଳୟରେ ତମାଖୁ ବ୍ୟବହାର କରୁଥିବା କର୍ମଚାରୀଙ୍କୁ ତମାଖୁ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ତମାଖୁ ମୁକ୍ତ ଯୁବା ଅଭିଯାନକୁ ଜିଲାରେ ସଫଳ କରିବାକୁ ଆହ୍ୱାନ କରାଯାଇଛି।

ବୈଠକରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ଶେଖର ବଳ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ରମେଶ ଚନ୍ଦ୍ର ମଲ୍ଲିକ, ମହାମାରୀ ବିଶେଷଜ୍ଞ ଡା. ପାର୍ଥସାରଥୀ ମିଶ୍ର, ଅଣସଂକ୍ରମଣ ରୋଗ ଅଧିକାରୀ ସସ୍ମିତା ରାଉତ ଯୋଗଦେଇ ତମାଖୁ ସେବନର ଭୟାଭୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ତମାଖୁ ବ୍ୟବହାର ଦ୍ୱାରା ସମାଜରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାମାଜିକ, ଅର୍ଥନୈତିକ ଅଗ୍ରଗତିରେ ଅନେକ ମାତ୍ରାରେ ପ୍ରଭାବିତ ହେବା ସହ ଅନେକ ପରିବାର ହାହାକାର ହେଉଥିବାର ଦୃଶ୍ୟ ପରିଲକ୍ଷିତ ହେଉଛି। ଏଣୁ ତମାଖୁ ମୁକ୍ତ ଯୁବା ଅଭିଯାନରେ ବିଶେଷ କରି ସ୍କୁଲ, କଲେଜର ପିଲାମାନେ ତମାଖୁ ଗ୍ରହଣ ନ କରିବା ପାଇଁ ଶପଥ ନେବା, ବନ୍ଧୁ ଓ ପରିବାର ବର୍ଗଙ୍କୁ ତମାଖୁ ସେବନର ଭୟାଭୟତା ସମ୍ବନ୍ଧରେ ଅବଗତ କରାଇ ତମାଖୁ ଗ୍ରହଣ ନ କରିବା ପାଇଁ ପ୍ରବର୍ତ୍ତାଇବା, ତମାଖୁ ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ତମାଖୁ ଛାଡ଼ିବା ପାଇଁ ସହଯୋଗ କରିବା ଏବଂ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ, ତମାଖୁ ମୁକ୍ତ ପଞ୍ଚାୟତ ଓ ସର୍ବୋପରି ତମାଖୁ ମୁକ୍ତ ଜିଲା ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ସ୍କୁଲ୍, କଲେଜ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରାଯାଇଥିଲା।

ଚଳିତ ବର୍ଷ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାର ୬ କଲେଜ ଏବଂ ୧୨୪ ସ୍କୁଲରେ ତମାଖୁ ମୁକ୍ତ ଯୁବା ଅଭିଯାନ ଆୟୋଜନ କରାଯିବ। ସେହିପରି ୩୮ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯିବା ସହ ୭ ବ୍ଲକ୍‌ର ସରପଞ୍ଚଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯାଇ ତମାଖୁ ମୁକ୍ତ ଯୁବା ଅଭିଯାନକୁ ଜିଲାରେ ଶତପ୍ରତିଶତ ସଫଳ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶଧର ସିଂଘ, ଶିଶୁ ମଙ୍ଗଳ ସମିତି ସଦସ୍ୟ ଜୟନ୍ତ ଗୋସ୍ୱାମୀ, ବିଭିନ୍ନ ସ୍କୁଲ, କଲେଜର ପ୍ରଧାନଶିକ୍ଷକ, ଅଧ୍ୟକ୍ଷ, ପୌରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ, ବରିଷ୍ଠ ଆଇନଜୀବୀ, ଖବରଦାତା ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ତମାଖୁ ମୁକ୍ତ ଯୁବା ଅଭିଯାନର ଜିଲାସ୍ତରୀୟ ସମନ୍ୱୟ କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

## ହାତୀ ଉପଦ୍ରବ, ଲୋକେ ଆତଙ୍କିତ

ମୋରଡ଼ା, ୨୩।୬(ସ୍ମାରକ ମାଜୀ)

ରାସଗୋବିନ୍ଦପୁର ଓ ମୋରଡ଼ା ବ୍ଲକରେ ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ରାସଗୋବିନ୍ଦପୁର ଡାକ୍ତରଖାନା ସମ୍ମୁଖରେ ଥିବା ସତ୍ୟ ନାରାୟଣ ପ୍ରଧାନଙ୍କ ଘର ବାଡ଼ିରେ ହାତୀ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ସତ୍ୟ ନାରାୟଣ ବନବିଭାଗକୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। ପରେ ଜୀବନ ଭୟରେ ପୋଲିସକୁ ମଧ୍ୟ ସାହାଯ୍ୟ ମାଗି ନିରାଶ ହେବା ପରେ ସ୍ଥାନୀୟ ବିଦ୍ୟୁତ୍ କର୍ମଚାରୀଙ୍କ ସହଯୋଗ ଲୋଡ଼ିଥିଲେ। ୩ଜଣ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ଲାଇଟ ପକାଇବା ପରେ ଘଟଣାସ୍ଥଳରୁ ହାତୀ ପଳାଇଥିଲେ। ଏନେଇ ଏସିସିଏଫ୍ ରବି ନାରାୟଣ ମହାନ୍ତିଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା କୌଣସି ଅସୁବିଧା ହୋଇ ନାହିଁ, ଅଘଟଣର କିଛି ଖବର ନାହିଁ ବୋଲି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ଡେପୁଟି ରେଞ୍ଜର ମାଥି ହାଁସଦା ପ୍ରାଣ ହରାଇବା ପରେ ସୁରକ୍ଷା ଦାବିରେ ବନ କର୍ମଚାରୀମାନେ ଆନ୍ଦୋଳନ ଚଳାଇଥିବା ବେଳେ ପାଟ୍ରୋଲିଂ ବନ୍ଦ କରିଛନ୍ତି। ଫଳରେ ଉପଦ୍ରବ ଚଳାଇଥିବା ହାତୀପଲଙ୍କୁ ଘଉଡା ଯାଇ ପାରୁନାହିଁ। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

## ଚୋରା ମାଙ୍କଡ଼ା, ବାଲି ବୋଝେଇ ଗାଡ଼ି ଜବତ


ଜବତ ହୋଇଥିବା ମାଙ୍କଡ଼ା ବୋଝେଇ ଟ୍ରକ୍।

ଚଣ୍ଡିଖୋଲ, ୨୩।୬ (ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ବିଭିନ୍ନସ୍ଥାନରେ ବେଆଇନ ମାଙ୍କଡ଼ା ପଥର ଖାଦାନ ଓ ବାଲି ଖାଦାନ ଚାଲୁଛି। ଶୁକ୍ରବାର ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ ଛତିଆ-କଳକଳା ରାସ୍ତାରେ ଯାଉଥିବା ସମୟରେ ଏକ ମାଙ୍କଡ଼ା ବୋଝେଇ ଟ୍ରକ୍‌କୁ ଜବତ କରି ବୈରୀ ଥାନାକୁ ହସ୍ତାନ୍ତର କରିଛନ୍ତି। ସେହିପରି ଗୁରୁବାର ଏହି ତହସିଲ ଅନ୍ତର୍ଗତ ଦର୍ପଣଠାରେ ଖାଦାନରୁ ମାଙ୍କଡ଼ା ପଥର ବୋଝେଇ କରି ଆସୁଥିବା ଏକ ଟ୍ରାକ୍ଟରକୁ ଜବତ କରିଥିଲେ। ଏଥିସହିତ ସେ ଏକ ବାଲି ବୋଝେଇ ଟ୍ରକ୍‌କୁ ଜବତ କରି ବଡ଼ଚଣା ଥାନାକୁ ହସ୍ତାନ୍ତର କରିଛନ୍ତି।

## ଯାଜପୁର ବିକାଶ ମଞ୍ଚ, ରୋଟାରି କ୍ଲବ୍‌ର ସମ୍ବର୍ଦ୍ଧନା ସଭା

ଯାଜପୁର ଟାଉନ, ୨୩।୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ସହରର ଅମ୍ବିକାଇସ୍ଥିତ ରୋଟାରି କ୍ଲବ ପରିସରରେ ଯାଜପୁର ବିକାଶ ମଞ୍ଚ ଓ ରୋଟାରି କ୍ଲବ ଯାଜପୁର ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବିକାଶ ମଞ୍ଚ ସଭାପତି ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଡା. ରାଜକିଶୋର ପଣ୍ଡା, ମୁଖ୍ୟବକ୍ତା ରୋଟାରି କ୍ଲବ ସଭାପତି ସୁବାସ ଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ଖବରଦାତା ଆନନ୍ଦ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଡକ୍ଟରେଟ ଉପାଧିରେ ଉପଲବ୍ଧି ନିମନ୍ତେ ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ରଙ୍କୁ ଉପସ୍ଥିତ ସମସ୍ତ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱ ମାନବ ଅଧିକାର କମିଶନର ପକ୍ଷରୁ ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ରଙ୍କୁ ମିଳିଥିବା ଡକ୍ଟର ଉପାଧି ଜିଲାପାଇଁ ଗର୍ବର ବିଷୟ ବୋଲି ଅତିଥିମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟତମ ବକ୍ତା ଭାବେ ବିକାଶ ମଞ୍ଚ ସଭ୍ୟ ଗିରିଶ ମିଶ୍ର, ଯାଜପୁର ବିକାଶ ମଞ୍ଚର ବରିଷ୍ଠ ସଦସ୍ୟ ସୁବାସ ତ୍ରିପାଠୀ, ନିରଞ୍ଜନ ନାୟକ, ନୀଳମଣି ନାୟକ, ଖବରଦାତା କୈଳାସ ନାୟକ, ସମରଜିତ ମହାନ୍ତି, ବିକାଶ ମଞ୍ଚର ସଭ୍ୟା କଲ୍ୟାଣୀ ଦାସ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ମିଶ୍ର ଜଣେ ଉଚ୍ଚ କୋଟିର ଶିକ୍ଷାବିତ ଭାବେ ଆଜିର ବ୍ୟବସାୟୀକ ଶିକ୍ଷା କ୍ଷେତ୍ରରୁ ନିଜକୁ ଦୂରେଇ ରଖି ଏକ ମୂଲ୍ୟ ବୋଧ ଶିକ୍ଷାର ପରମ୍ପରା ସୃଷ୍ଟି କରିପାରିଛନ୍ତି ବୋଲି କହିଥିଲେ। ସଭାରେ ପାରମ୍ଭିକ ସୂଚନା ବିକାଶ ମଞ୍ଚର ଆବାହକ ତରୁଣ କୁମାର ନନ୍ଦ ପ୍ରଦାନ କରିଥିବାବେଳେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ ମଞ୍ଚ ସଭ୍ୟ ଦେବାଶିଷ ରାଉତରାୟ, ସଦସ୍ୟ କିଶୋର କୁମାର ଦାସ, ରୋଟାରିଆନ ପ୍ରମୋଦ କୁମାର ନାୟକ, କେଦାର ରାଉତ, ପ୍ରେମଲତା ପଣ୍ଡା, ବିଦ୍ୟୁରେଖା ନନ୍ଦ, କଳ୍ପନା ମିଶ୍ର, ଗୀତାରାଣୀ ଦାସ, ତୃପ୍ତୀମାଳା ନାୟକ, ଯୁପାଲି ଦାସ, ଅଳକା ନନ୍ଦ ରଥ, ପ୍ରଦୀପ କୁମାର ଜେନା, ଆଲୋକ ଦାସ ଓ ଅଶୋକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।


ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଲିଜ୍ ଏରିଆ ବାହାରୁ ବାଲି ଲୁଟ୍

- ଲିଜ୍ ଏରିଆରେ ମେଶିନରେ ହେଉଛି ବାଲି ଉତ୍ତୋଳନ
- ତହସିଲ ପ୍ରଶାସନର ନିଦ ଭାଙ୍ଗୁନି

କାଏମା, ୨୩।୬(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ଓ କାଏମା କେଲୁଅ ନଦୀର ଲିଜ୍ ଏରିଆ ବାହାରୁ ବେଧଡ଼କ ଭାବେ ଶହଶହ ଟ୍ରିପ ବାଲି ଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ସେହିପରି ଯେଉଁସବୁ ବାଲି ଘାଟକୁ ଲିଜ୍ ଦିଆଯାଇଛି ସେଠାରେ ମେଶିନ ସାହାଯ୍ୟରେ ବାଲି ଉତ୍ତୋଳନ ପାଇଁ ଅନୁମତି ନାହିଁ। କେବଳ ଶ୍ରମିକଙ୍କ ଦ୍ୱାରା ବାଲି ବୋଝେଇ କରିବା ପାଇଁ ଚୁକ୍ତି ହୋଇଛି। ହେଲେ ଏଠାରେ ଲିଜଧାରୀ ମେଶିନ ବ୍ୟବହାର କରି କରି ବାଲି ନେଉଛନ୍ତି। ଆଗକୁ ନଦୀରେ ପାଣି ହୋଇଯିବ ବୋଲି ସ୍ଥାନୀୟ ମାଫିଆମାନେ ଆଗୁଆ ବାଲି ନେଇ ଗଚ୍ଛିତ ରଖୁଛନ୍ତି। ତାହାକୁ ପର ମୁହୂର୍ତ୍ତରେ ମନଇଚ୍ଛା ଦରରେ ବିକ୍ରି କରିବେ। ଏହି କାରଣରୁ ରାଜ୍ୟ ସରକାରଙ୍କ ବିପୁଳମାତ୍ରାରେ ରାଜସ୍ୱ ହାନି ହେଉଥିବା ଅଭିଯୋଗ ହେଉଛି। ହେଲେ ଏତେ ସବୁ ପରେ ବି ତହସିଲର ପ୍ରଶାସନର ନିଦ ଭାଙ୍ଗୁନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ସେହିପରି କାଏମା ବଜାର ମଧ୍ୟ ଦେଇ ଖୁଲମ ଖୁଲା ହାଇୱା ଓ ଡମ୍ଫର ଯୋଗେ ଓଭର ଲୋଡ ସହ ବିନା ପାଲରେ ଶହ ଶହ ଟ୍ରିପ ବାଲି ପରିବହନ କରାଯାଉଛି। ନିୟମ ଅନୁସାରେ ଗାଡ଼ି ଉପରେ ପାଲ ପକାଇ ପରିବହନ କରିବା କଥା। କିନ୍ତୁ କେତେଜଣ ଡ୍ରାଇଭର ଓ ଲୋକାଲ ମାଲିକ ପାଲ ଆଦୌ ପକାଉନାହାନ୍ତି। କିଛି ଗାଡ଼ି ଫାଇନ ଭୟରେ ପତଳା ପାଲ ପକାଉଥିବାରୁ ବାଲି ରାସ୍ତାରେ ଜମା ହେଉଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଦୈନିକ ଦୁର୍ଘଟଣା ବୃଦ୍ଧି ପାଉଛି। ଏ ସମ୍ପର୍କରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ବାଲିଘାଟରେ ମେଶିନ ବ୍ୟବହାରକୁ ଅନୁମତି ନାହିଁ। ଏଥିସହିତ ଉପରୋକ୍ତ ଘାଟଗୁଡ଼ିକରେ ମେଶିନ ବ୍ୟବହାର ହେଉଛି ବୋଲି ସେ ଜାଣିନାହାନ୍ତି।


ମେଶିନ ଯୋଗେ ବାଲି ଉତ୍ତୋଳନ କରାଯାଉଛି।

## ସଂକ୍ଷେପରେ

### ବକ୍ତାରପୁର ମାଉସୀ ମା' ମନ୍ଦିର ନିର୍ମାଣର ଶିଳାନ୍ୟାସ

**କେନ୍ଦ୍ରାପଡ଼ା ୨୩।୬ (ଜଗନ୍ନାଥ ଧଳ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବକ୍ତାରପୁର ମାଉସୀ ମା' ମନ୍ଦିର ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। ଏହି ମନ୍ଦିର ନିର୍ମାଣ ପାଇଁ ଶୁକ୍ରବାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମାଉସୀ ମା' ମନ୍ଦିରର ଶିଳାନ୍ୟାସ କରି ଏହି ଭବ୍ୟ ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଅଞ୍ଚଳର ଆଧାତ୍ମିକ ଚିନ୍ତା ଚେତନା ଓ ଧାର୍ମିକ ଭାବଧାରା ବିକାଶ ଘଟିବା ସହ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ସହାୟକ ହୋଇପାରିବ ବୋଲି କହିଛନ୍ତି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ କୁମାର ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, କାଉନସିଲର ଝରଣା ବେହେରା, ମାଉସୀ ମା' ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଫେସର ଅର୍ଜୁନ ନାୟକ, ବ୍ଲକ ବିଜେଡି ଉପସଭାପତି ସର୍ବେଶ୍ୱର ମହାନ୍ତି, ଦିଲୀପ ଜେନା, ଦେବବ୍ରତ ମହାନ୍ତି, ବାପି ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ପଟ୍ଟାମୁଣ୍ଡାଇ ଗସ୍ତ ପରେ ରାଜ୍ୟ ସରକାର ବକ୍ତାରପୁର ମାଉସୀ ମା' ମନ୍ଦିର ନିର୍ମାଣ ପାଇଁ ୮ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ।

# କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ଯୋଜନା ବାଟବଣା

**କେନ୍ଦ୍ରାପଡ଼ା, ୨୩।୬ (ଜଗନ୍ନାଥ ଧଳ)**


ପଟ୍ଟାମୁଣ୍ଡାଇରେ ଥିବା ଏକ ସ୍ମଲ ଇଣ୍ଡଷ୍ଟ୍ରି।

- ରଣ ଯନ୍ତାରେ ଯୁବତୀ ଯୁବକ
- ବ୍ୟାଙ୍କ ତୃତୀୟ ପକ୍ଷ ଦ୍ୱାରା ହେଉଛନ୍ତି ହଟହଟା
- ଉଦ୍ୟୋଗ ବନ୍ଦକରି ଦାଦନ ଖଟିବାକୁ ଯାଉଛନ୍ତି
- ଆର୍‌ବିଆଇ ନିର୍ଦ୍ଦେଶନାମକୁ ବେଖାତିର

କେନ୍ଦ୍ରଠାରୁ ଆରମ୍ଭକରି ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ଏମ୍‌ଏସ୍‌ଏମ୍‌ଇ ଓ ପିଏମ୍‌ଇଜିପି ମାଧ୍ୟମରେ ବେକାର ଯୁବତୀଯୁବକଙ୍କ ପାଇଁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ଯୋଜନା ମାଧ୍ୟମରେ ବ୍ୟବସାୟ ପାଇଁ ଋଣ ପ୍ରଦାନ କରାଯାଉଛି। ମାତ୍ର ବ୍ୟାଙ୍କରୁ ଆବଶ୍ୟକ ପରିମାଣ ଋଣ ନ ମିଳିବାରୁ ମିଳିଥିବା ଅର୍ଥରେ ଉଦ୍ୟୋଗ ଚଳାଇବା କଷ୍ଟ ହେଉଛି। ପରେ କରଜକରି ଜମିବାଡ଼ି ବିକି କ୍ଷତି ଭରଣା ପାଇଁ ଶିଳ୍ପ ଉଦ୍ୟୋଗ ଚଳାଇବା ବେଳକୁ ବ୍ୟାଙ୍କ ତୃତୀୟ ପକ୍ଷ ଗୁଣ୍ଡାଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଫଳରେ ଶିଳ୍ପ ଉଦ୍ୟୋଗ ବନ୍ଦକରି ଯୁବତୀଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାଇଯାଉଛନ୍ତି। ବ୍ୟାଙ୍କର ତୃତୀୟ ପକ୍ଷ ରିକଭରିକୁ ଆର୍‌ବିଆଇ ବ୍ୟାନ୍ କରିଛି। ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହାର ଅବମାନନା କରାଯାଇଥିବା ଅଭିଯୋଗ ହୋଇଛି।

ଋଣଗ୍ରହୀତା ରୀତାରାଣୀ ବାରିକ କୁହନ୍ତି, ୨୦୧୯ରେ ଜିଲା ଶିଳ୍ପକେନ୍ଦ୍ର ଅଧୀନରୁ ପିଏମ୍‌ଜିପି ମାଧ୍ୟମରେ ୮ ଲକ୍ଷ ଟଙ୍କା ଋଣ ଆବେଦନ କରିଥିବା ବେଳେ ଏକ ରାଷ୍ଟ୍ରୀୟ ବ୍ୟାଙ୍କରୁ ୩ ଲକ୍ଷ ଋଣ ମିଳିଥିଲା। ଅବଶିଷ୍ଟ ଅର୍ଥ ପାଇଁ ଜମି ଓ ଗହଣା ବିକି ମସଲା ଉଦ୍ୟୋଗରେ ଲଗାଇଥିଲି। ଫ୍ୟାକ୍ଟ୍ରି ଚାଲିବା ବେଳେ ୨୦୨୦ ଲକ୍‌ଡାଉନ ପରେ ଉଦ୍ୟୋଗ ବନ୍ଦ ପଡ଼ିଛି। ବ୍ୟାଙ୍କର ବାରମ୍ବାର ତାଗିଦ ଯୋଗୁ ଉଦ୍ୟୋଗ ବନ୍ଦ କରିବାକୁ ବାଧ୍ୟହେଲି। ସାମାଜିକ କର୍ମୀ ସତ୍ୟପ୍ରିୟ ସାମଲ କୁହନ୍ତି, କେନ୍ଦ୍ରାପଡ଼ା ଜିଲା ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ଉଦ୍ୟୋଗ ଭଳି କ୍ଷେତ୍ରରେ ଜିଲା ଅଗ୍ରଣୀ ହୋଇପାରିନାହିଁ। ଉଦ୍ୟୋଗ କ୍ଷେତ୍ରରେ ଜିଲାକୁ ଆଗକୁ ବଢ଼ାଇବାକୁ ଯେଉଁ ସାମଗ୍ରିକ ଚେଷ୍ଟା ଆବଶ୍ୟକ ତାହା ଦେଖିବାକୁ ମିଳିପାରୁନାହିଁ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଗ୍ରହୀ ଯୁବତୀଯୁବକମାନେ ଜିଲା ଶିଳ୍ପକେନ୍ଦ୍ରରେ ଆବେଦନ କରୁଥିଲେ ମଧ୍ୟ ସବୁକ୍ଷେତ୍ରରେ ଆର୍ଥିକ ସହାୟତା ପାଇପାରୁନାହାନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅନେକ ସ୍ମଲ ସ୍କେଲ ଉଦ୍ୟୋଗ ହୋଇ ତାହା ଅଳ୍ପଦିନ ପରେ ବନ୍ଦ ହୋଇଯାଉଛି। ପୁଣି ଯୁବତୀଯୁବକ ଋଣ ନେଇ ନୂଆ ଉଦ୍ୟୋଗ ଖୋଲୁଛନ୍ତି, ସେ ବି କିଛିଦିନ ପରେ ବନ୍ଦ ହେଉଛି। ଏହାର କାରଣ ନା ଡିଆଇସି ଅଧିକାରୀ ବୁଝୁଛନ୍ତି ନା ବ୍ୟାଙ୍କ ଅଧିକାରୀ କେବଳ ଟାର୍ଗେଟ ପୂରଣରେ ବ୍ୟସ୍ତ ରହୁଛନ୍ତି। ଯେଉଁ ଉଦ୍ୟୋଗ ଗଢ଼ି ଉଠୁଛି ଯଦି ସେ ଋଣ ୩ ମାସ ଖିଲାପ କରୁଛି ତାକୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ ତାକୁ ଏନ୍‌ପିଏ ଲିଷ୍ଟ କରି ବ୍ୟାଙ୍କ ଅଧିକାରୀ ତୃତୀୟପକ୍ଷ ଗୁଣ୍ଡାଙ୍କ ଦ୍ୱାରା ବ୍ଲାକ୍ ମେଲିଂ କରିବା ଆରମ୍ଭ କରି ଦେଉଛନ୍ତି। ଏପରିସ୍ଥଳେ ସେ ବ୍ୟାଙ୍କ ସୁଧ ଦେବା ଲାଗି ଜମିବାଡ଼ି ବିକିବାକୁ ବାଧ୍ୟ ହେଉଛନ୍ତି। ବ୍ୟାପାର ବନ୍ଦକରି ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାଇଯାଉଛନ୍ତି। ରଞ୍ଜିତ ପ୍ରଧାନ କୁହନ୍ତି, ଏକ ଫାଇନାନ୍ସ କମ୍ପାନୀରୁ ବାଇକ୍ ଋଣରେ ଆଣିଥିଲି। ମାତ୍ର ୨୦୨୦ କରୋନା ସମୟରେ ଯେଉଁ ବାକିଆ ରହିଥିଲା ଶୁଝିପାରି ନ ଥିଲି। କରୋନା ପରେ ବାକିଆ କିସ୍ତି ଦେଇ ଚାଲିଥିବା ବେଳେ ରାସ୍ତାରୁ ୪ ଜଣ ଯୁବକ ଜୋର ଜବରଦସ୍ତ ତଣ୍ଟିଆ ମାରି ବାଇକ୍ ଛଡ଼ାଇ ନେଲେ। ଏ ବାବଦରେ ଜିଲା ଶିଳ୍ପକେନ୍ଦ୍ର ମ୍ୟାନେଜର ଗଣେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ବ୍ୟାଙ୍କ ତୃତୀୟ ପକ୍ଷଙ୍କ କାର୍ଯ୍ୟକୁ ଜିଲା ଶିଳ୍ପକେନ୍ଦ୍ରରେ ଅବଗତ କରାନ୍ତୁ, ଏହାର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ସାମାଜିକ କର୍ମୀ ସଞ୍ଜୟ ପଣ୍ଡା କୁହନ୍ତି, ବ୍ୟାଙ୍କ ଓ ଫାଇନାନ୍ସ କମ୍ପାନୀ ପକ୍ଷରୁ ଋଣ ରିକଭରି ପାଇଁ ତୃତୀୟ ପକ୍ଷର ସହାୟତା ନିଆଯାଉଛି, ଯାହାକୁ ନେଇ ରିଜର୍ଭ ବ୍ୟାଙ୍କ ୨୦୨୨-୨୩ରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ତୃତୀୟ ପକ୍ଷ ଦ୍ୱାରା ଗ୍ରାହକଙ୍କଠାରୁ ଋଣ ଅସୁଲ କିମ୍ବା ରାସ୍ତାରେ ଚାଲୁଥିବା ଗାଡ଼ି କି ସମ୍ପତ୍ତି ଜବତ କରାଯାଇପାରିବ ନାହିଁ। ଏହିନିର୍ଦ୍ଦେଶନାମାକୁ ତତ୍କାଳ କାର୍ଯ୍ୟକାରୀ କରିବାକୁ ରିଜର୍ଭ ବ୍ୟାଙ୍କ ଦେଶର ସମସ୍ତ ବ୍ୟାଙ୍କ ଓ ଫାଇନାନ୍ସ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ପଟ୍ଟାମୁଣ୍ଡାଇର କେତେଗୋଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଫାଇନାନ୍ସ କମ୍ପାନୀ ତୃତୀୟ ପକ୍ଷ ଦ୍ୱାରା ଗ୍ରାହକଙ୍କଠାରୁ ଋଣ ଅସୁଲ ପାଇଁ ବ୍ଲାକ୍ ମେଲିଂ କରିବା ଭଳି ଘଟଣା ସାମ୍ନାକୁ ଆସୁଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ ରାସ୍ତାର ଛକରେ ୪ରୁ୫ଜଣ ରିକଭରି ଯୁବକ ଛିଡ଼ା ହୋଇ ଜୋରଜବରଦସ୍ତ ଗାଡ଼ି ଛଡ଼ାଇନେଉଥିବା ଅଭିଯୋଗ ଥାନାରେ ମଧ୍ୟ ପହଞ୍ଚିଛି। ଏ ବାବଦରେ ଇଣ୍ଡସ୍ଇଣ୍ଡ ଫାଇନାନ୍ସ କମ୍ପାନୀ ପଟ୍ଟାମୁଣ୍ଡାଇ ଅଧିକାରୀ ଜ୍ୟୋତି ଶଙ୍କର ନାୟକ କୁହନ୍ତି, ଗାଡ଼ି ଋଣ ଖିଲାପ ହେଲେ ଉପରିସ୍ଥ ଅଧିକାରୀମାନେ ରିପୋର୍ଟ ରଖିଛନ୍ତି। ସେମାନେ ଆମ ଅଜାଣତରେ ଗାଡ଼ି ଅକ୍ତିଆର କରି ନେଉଛନ୍ତି ବୋଲି ସେ କହିଛନ୍ତି। ସେହିପରି କୃଷକ ନେତା ବିଜୟ ଦାସ କୁହନ୍ତି, ବ୍ୟାଙ୍କ ତୃତୀୟ ପକ୍ଷ ଦ୍ୱାରା କୃଷକମାନେ ମଧ୍ୟ ବାଦ୍ ପଡୁନାହାନ୍ତି। ଜମି ବନ୍ଧା ରଖି ଋଣ ନେଇଛନ୍ତି, କିସ୍ତି ଖିଲାପ ହେଲେ ତୁରନ୍ତ ଏହାକୁ ଶୁଝିବାକୁ କୁହାଯାଉଛି। ଦେଇ ନ ପାରିଲେ ତୃତୀୟ ପକ୍ଷଙ୍କ ଦ୍ୱାରା ଗାଁ ଦାଣ୍ଡରେ ବେଇଜତ କରାଯାଉଛି। ତାହା ପରେ ଆସିଲା କୋର୍ଟ ନୋଟିସ। ଚାଷୀ କୋର୍ଟକୁ ଧାଇଁ ଧାଇଁ ନୟାନ୍ତ ହେଲେ, ସେପଟେ ଋଣ ପରିଶୋଧ ନ କରିବାରୁ କାଳିଆ ଓ ଅନ୍ୟ ଯୋଜନାରେ ମିଳୁଥିବା ସହାୟତା ବନ୍ଦ ହୋଇଯାଉଛି। ମିଳୁଥିବା ସହାୟତା ଟଙ୍କା ବ୍ୟାଙ୍କ ରଖୁଛି। ଚାଷୀଙ୍କ ଆକାଉଣ୍ଟ ମଧ୍ୟ ବନ୍ଦ ହେଉଛି। କୃଷି ବିଭାଗ ଅଧିକାରୀ ଶରତ ନାୟକ କୁହନ୍ତି, ଆମର କିଛି ଦୋଷ ନାହିଁ। ଯାହା କରିବ ବ୍ୟାଙ୍କ। ବ୍ୟାଙ୍କ ହିଁ ବୀମା କରିବା କଥା ବୋଲି ନାୟକ କହିଛନ୍ତ। ମାତ୍ର ଗରିବ ଚାଷୀ ଏମିତି ଋଣଯନ୍ତାରେ କଳବଳ ହେଉଥିବା ବେଳେ ଦୋଷୀ ଓ ଅଧିକାରୀ ଖସିଯାଉଛନ୍ତି ବୋଲି ସେ କହିଛନ୍ତି।

# ସ୍ଥାୟୀ ମାନ୍ୟତା ଦାବିକଲେ ଆଉଟସୋର୍ସିଂ କର୍ମଚାରୀ


ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଲାଗି ଏଡିଏମ୍‌ଙ୍କୁ ଦାବିପତ୍ର ଦେଉଛନ୍ତି।

**କେନ୍ଦ୍ରାପଡ଼ା, ୨୩।୬ (ଜଗନ୍ନାଥ ଧଳ)**

ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତିକୁ ପ୍ରସଙ୍ଗ କରାଯାଇଛି। ଏଥିସହ ଅନ୍ୟ ସମସ୍ୟାର ସମାଧାନ ପାଇଁ ମହାସଂଘର କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍ ନିଲୁ ମହାପାତ୍ରଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି କୃଷ୍ଣ ଚନ୍ଦ୍ର ନାୟକ କହିଛନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀରେ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରଚ୍ଛନ୍ନ ଉଦ୍ୟମ ଅଛି। ଏହାକୁ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି। କର୍ମନିଷ୍ଠା, ବିଶ୍ୱସ୍ତତା ଓ ଅଭିଜ୍ଞତା ସତ୍ତ୍ୱେ ଚାକିରି ସ୍ଥାୟିତ୍ୱ ନାହିଁ। ଏଥିସହ ବିଭିନ୍ନ ସମସ୍ୟାକୁ ନେଇ ମାର୍ଚ୍ଚ ମାସରେ ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନରଙ୍କ ସହ ମହାସଂଘ କର୍ମକର୍ତ୍ତାଙ୍କ ଆଲୋଚନା ହୋଇଥିଲା। ଇତିମଧ୍ୟରେ ୩ ମାସ ବିତି ଯାଇଥିଲେ ମଧ୍ୟ ଏହାର ସୁଫଳ ମିଳିନାହିଁ। ସ୍ଥାୟୀ ଚାକିରି, ଦରମା ବୃଦ୍ଧି, ବାର୍ଷିକ ଇନକ୍ରିମେଣ୍ଟ ଆଦି ଦାବି ରହିଥିବା ଜିଲା ସଭାପତି ନାୟକ ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା କର୍ମକର୍ତ୍ତା ପ୍ରଦୀପ କୁମାର ଜେନା, ମାଗୁଣୀ ଚରଣ ମଲ୍ଲିକ, ଲୋପାମୁଦ୍ରା ସିଂହ, ମହେନ୍ଦ୍ର ବିଶ୍ୱାଳ, ସ୍ମୃତିରଞ୍ଜନ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ନାମଲେଖାରୁ ଆଦିବାସୀ ଛାତ୍ରୀ ବଞ୍ଚିତ

**ମହାକାଳପଡ଼ା, ୨୩।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**


ବିଦ୍ୟାଳୟରୁ ଆଦିବାସୀ ୭ମ ପାସ୍ ଛାତ୍ରୀ ଓ ତାଙ୍କ ମା' ନିରାଶ ହୋଇ ଫେରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ରାମନଗରସ୍ଥିତ ରାମଚଣ୍ଡୀ ବିଜୟାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ୭ମ ଶ୍ରେଣୀର ଅନୁସୂଚୀତ ଜନଜାତିର ଛାତ୍ରୀ ମାଳତି ଚୋପିଆର (୧୨) ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ ପ୍ରମାଣ ପତ୍ର ନେବାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ କୁମାର ସ୍ୱାଇଁଙ୍କ ନିକଟକୁ ଦଉଡ଼ି ଦଉଡ଼ି ନୟାନ୍ତ ହେଲେଣି ବୋଲି ତାଙ୍କ ମା' ମୋତି ଚୋପିଆର ଗୁରୁତର ଅଭିଯୋଗ କରିଛନ୍ତି। ଆମେ ଆଦିବାସୀ ବୋଲି ସପ୍ତମ ପାସ ପ୍ରମାଣପତ୍ର ପାଇଁ ପ୍ରଧାନ ଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ କାଉଣ୍ଟର ଦସ୍ତଖତ କରି ଆଣିଲେ ତୁମକୁ ମିଳିବ କହିଛନ୍ତି। ଅପରପକ୍ଷରେ ବୁଧବାରଠାରୁ ଏହି ଆଦିବାସୀ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ବିନା କାଉଣ୍ଟର ସାଇନରେ ପାସ୍ ପ୍ରମାଣପତ୍ର ଦେଇଥିଲେ। ହେଲେ ଛାତ୍ରୀ ମାଳତି ଓ ତାଙ୍କ ମା' ମୋତି କାଉଣ୍ଟର ସାଇନ ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ଫେରୁଛନ୍ତି। ଅପରପକ୍ଷରେ ଏହି ଆଦିବାସୀ ଛାତ୍ରୀ ମାଳତି କଟକସ୍ଥିତ ଏକ ବିଦ୍ୟାଳୟରେ ନାମ ଲେଖାଇବାକୁ ବୁଧବାର ସମୟ ଥିବାରୁ ଏଥିରୁ ସେ ବଞ୍ଚିତ ହୋଇଛନ୍ତି। ତେବେ ଶିକ୍ଷା ବିଭାଗର ନିୟମ ଅନୁସାରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କ କାଉଣ୍ଟର ସାଇନ କରି ପାସ୍ କରିଥିବା ଛାତ୍ରୀଙ୍କୁ ପାସ ପ୍ରମାଣପତ୍ର ପ୍ରଦାନ କରାଯିବା ବ୍ୟବସ୍ଥାରହିଛି। କିନ୍ତୁ ପ୍ରଧାନ ଶିକ୍ଷକ ଜଣେ

### ୭ମ ପାସ୍ ପ୍ରମାଣପତ୍ର ପାଇଁ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦୌଡ଼ି ନୟାନ୍ତ

ନୀରିହ ବାପ ଛେଉଣ୍ଡ ଆଦିବାସୀ ଛାତ୍ରୀଙ୍କୁ ପ୍ରମାଣ ପତ୍ର ଦେବାରେ ବିଫଳ ହେବାରୁ ଅଷ୍ଟମ ଶ୍ରେଣୀ ନାମ ଲେଖାରୁ ସେ ବାତ ପଡିଛନ୍ତି। ଏଠାରେ ପ୍ରଶ୍ନ ଉଠେ ସଭିଏ ପଢ଼ିବେ ସଭିଏଁ ବଢ଼ିବେ ଶିକ୍ଷା ବିଭାଗର ନାରା ସତେ ଯେମିତି ଦିଗହରା ହୋଇଛ।

ଏ ସମ୍ପର୍କରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱାଇଁଙ୍କୁ ପଚାରିବାରେ ଜିଲାରୁ ଅନ୍ୟ ଜିଲାରେ ନାମ ଲେଖାଇବାକୁ ହେଲେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାଉଣ୍ଟର ସାଇନ୍ ଆବଶ୍ୟକ ବୋଲି ଛାତ୍ରୀଙ୍କୁ କହିଥିଲେ। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରାଙ୍କୁ ପଚାରିବାରେ ଛାତ୍ରୀଛାତ୍ରମାନଙ୍କୁ ନାମ ଲେଖାର ନିର୍ଦ୍ଧାରିତ ସମୟ ପୂର୍ବରୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଜେ ସମସ୍ତ କାଉଣ୍ଟର ସାଇନି କରାଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପାସ ପ୍ରମାଣପତ୍ର ପ୍ରଦାନ କରାଯିବାର ନିୟମ ରହିଛି। କାହିଁକି ଓ କେଉଁ ପରିସ୍ଥିତିରେ ଉକ୍ତ ଆଦିବାସୀ ଛାତ୍ରୀଙ୍କୁ ବିନା କାଉଣ୍ଟର ସାଇନ୍‌ରେ ୭ମ ପାସ୍ ପ୍ରମାଣ ପତ୍ର ପ୍ରଦାନ କରାଗଲା ତାହା ଦୁର୍ଭାଗ୍ୟଜନକ। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଜେ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟକୁ ଆସି ଉକ୍ତ ଛାତ୍ରୀଙ୍କ ପାସ୍ ପ୍ରମାଣପତ୍ରରେ କାଉଣ୍ଟର ସାଇନି କରି ପ୍ରଦାନ କରିବେ ବୋଲି ସେ କହିଛନ୍ତି।

# କୃଷି, କୃଷକଙ୍କ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

**ମାର୍ଶାଘାଇ, ୨୩।୬ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

କୃଷି ଓ କୃଷକଙ୍କ ବିନା ରାଜ୍ୟ କି ଦେଶର ଉନ୍ନତି ଅସମ୍ଭବ। ସେମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସର୍ବଦା ଚେଷ୍ଟିତ। ଚାଷ କାର୍ଯ୍ୟ ପାଇଁ ସେମାନଙ୍କୁ ଉନ୍ନତ କୃଷି ଶିକ୍ଷା ପ୍ରଦାନ, ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ବିକ୍ରିବଟା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରକାଶ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ମାର୍ଶାଘାଇ ଡାକ ବଙ୍ଗଳା ପରିସରରେ ୬ କୋଟି ଟଙ୍କା ବ୍ୟୟ ବରାଦରେ ସମବାୟ କୃଷକ ଶିକ୍ଷା ଓ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଉପଲକ୍ଷେ ଆୟୋଜିତ ସଭାରେ ମନ୍ତ୍ରୀ ନାୟକ ଏହା କହିଛନ୍ତି। ସେ କହିଛନ୍ତି, ଜିଲାର ବିବିଧ ଉନ୍ନତି ପାଇଁ ସରକାରଙ୍କ ବହୁ ପଦକ୍ଷେପ ଉପରେ ଆଲୋଚନା କରି ଏହି ତାଲିମ କେନ୍ଦ୍ର ସ୍ଥାପିତ ହେଲେ କେନ୍ଦ୍ରାଞ୍ଚଳ ଜୋନର ବିଭିନ୍ନ ଜିଲାର ଚାଷୀମାନେ ଉପଯୁକ୍ତ ତାଲିମ ପାଇପାରିବେ। ଏଥିରେ ମୁଖ୍ୟ ଅତିଥି ଭାବେ ସମବାୟ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ଚଢା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲାପାଳ ଅମୃତ ଋତୁରାଜ ଯୋଗଦେଇ କୃଷି ସମବାୟ ଋଣ ଓ ଉପଯୁକ୍ତ ତାଲିମ ପ୍ରଦାନ ଉପରେ ମତ ରଖିଥିଲେ। ଉପଜିଲାପାଳ ନିରଞ୍ଜନ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଞ୍ଜୟ ଲେଙ୍କା, ବ୍ଲକ ଆମ୍ବା ଅଧ୍ୟକ୍ଷ ପ୍ରଦୀପ୍ତ ଗାହଣ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲିକ, ଦୁର୍ଗାବତୀ ପ୍ରଧାନ, ସାମାଜିକ କର୍ମୀ ଗଙ୍ଗାଧର ପରିଡା, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି ମଞ୍ଚାସୀନ ଥିଲେ। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲାର ୯ ଟି ବ୍ଲକରେ ଥିବା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ।



ଉତ୍ସବରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

# ପ୍ରଶାସନ ଶୁଣିଲାନି ଗାଁ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

**କେନ୍ଦ୍ରାପଡ଼ା, ୨୩।୬ (ଜଗନ୍ନାଥ ଧଳ)**



ପୂର୍ବରୁ ଥିବା ଗାଁ ରାସ୍ତା ସବୁ ଖରାପ ହେବା ପରେ ମରାମତି ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଶୁଣିଲେ ନାହିଁ। ଫଳରେ ଗାଁ ଲୋକ ଶ୍ରମ, ସମୟ ଓ ଅର୍ଥ ଦେଇ ରାସ୍ତା ନିର୍ମାଣ କରିଛନ୍ତି। ଗାଁର ଯୁବକଠାରୁ ବୟସ୍କ ବ୍ୟକ୍ତି କାମ କରୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ରାଜକନିକା ସମିତି ଅଧୀନ କୋଇଲିପୁର ପଞ୍ଚାୟତ ତରପଦା ଗାଁର ୧ ନମ୍ବର ୱାର୍ଡରେ ବସବାସ କରନ୍ତି ୨ଶହ ପରିବାର।

୧୧ ବର୍ଷ ତଳେ ସରକାରଙ୍କ ପକ୍ଷରୁ ଗାଁ ଦାଣ୍ଡରେ ପକ୍କା ରାସ୍ତା ନିର୍ମାଣ ହୋଇଥିଲା। ଏବେ ଏହି ରାସ୍ତା ଖାଲଖମାରେ ଭରପୂର ହୋଇଛି। ବର୍ଷାଦିନେ ପାଣି ଜମି ୨ଟି ସ୍ଥାନରେ ବଡ଼ ଖାଲ ହୋଇଥିଲା। ସ୍କୁଲ, କଲେଜ ପିଲାମାନେ ଯିବାଆସିବା ବେଳେ ମଧ୍ୟ ଏଠାରେ ଦୁର୍ଘଟଣା ଘଟିଥାଏ। ଏହି ରାସ୍ତା ନିର୍ମାଣ ପାଇଁ ଅନେକଥର ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଗୁହାରି କରାଯାଇଥିଲା। ହେଲେ ସରପଞ୍ଚ, ବ୍ଲକ ପ୍ରଶାସନ କେହି କର୍ଣ୍ଣପାତ କରି ନ ଥିବା ୱାର୍ଡ ବାସିନ୍ଦା ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଶେଷରେ ଆଉ କାହାକୁ ଗୁହାରି କରିବୁ ନାହିଁ ନିଷ୍ପତ୍ତି ନେଇ ନିଜ ଗାଁ ରାସ୍ତା ନିଜେ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ ତରପଦା ଗାଁର ୧ ନମ୍ବର ୱାର୍ଡର ଅଧିବାସୀ ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ନରୋତ୍ତମ ବାରିକ, ରବୀନ୍ଦ୍ର ଖଣ୍ଡୁଆଳ, ରଞ୍ଜନ ବେହେରା, ସୁକାନ୍ତ ସାହୁ, ଦୁଃଶାସନ ସୂତାର, ରମାକାନ୍ତ ସାହୁ, ସଞ୍ଜୟ ବେହେରା, ମହେଶ୍ୱର ବେହେରା, ପଞ୍ଚାନନ ନାୟକ, ନାରଣ ବିଶ୍ୱାଳ, ଶ୍ରୀକାନ୍ତ ବେହେରା, ରୂପକାନ୍ତ ସୂତାର, ନିମାଇଁ ଚରଣ ନାୟକ ଓ ଜଗନ୍ନାଥ ଦାସଙ୍କ ସମେତ ୩୮ ପରିବାରର ଲୋକେ। ସେମାନେ ସମସ୍ତେ ଟଙ୍କା ଆଦାୟ କରି ବାଲି, ଗୋଡ଼ି ଓ ସିମେଣ୍ଟ କ୍ରୟକରି ୱାର୍ଡ ଯୁବକଠାରୁ ବୟସ୍କ ଲୋକମାନେ ମିଶି ସମସ୍ତେ ଝୁଡ଼ି, କୋଦାଳ ହାତରେ ଧରି ଖାଲଖମାରେ ଭର୍ତ୍ତି ଥିବା ରାସ୍ତାରେ ମାଟି ପକାଇବା ସହ ବାଲି, ଗୋଡ଼ି ଓ ସିମେଣ୍ଟ ଫେଣ୍ଟି ରାସ୍ତାକୁ ପକ୍କା କରିଥିଲେ। ଲୋକମାନେ ଅଭିଯୋଗ କରିଛନ୍ତି, ପ୍ରଶାସନ ଉପରୁ ଆମର ଭରସା ତୁଟିଗଲା। ଏ ସମ୍ପର୍କରେ କୋଇଲିପୁର ସରପଞ୍ଚ ଅରୁଣ ରାଉତଙ୍କୁ ପଚାରିବାରୁ ଚଳିତବର୍ଷ ମାର୍ଚ୍ଚରେ ସେହି ଗାଁର ହନୁମାନ ମନ୍ଦିରଠାରୁ କ୍ଲବଘର ପର୍ଯ୍ୟନ୍ତ ୨ ଶହ ଫୁଟ ରାସ୍ତା ୨ ଲକ୍ଷ ୨୫ ହଜାର ଟଙ୍କାରେ ନିର୍ମାଣ କରାଯାଇଛି। ୧ ନମ୍ବର ୱାର୍ଡ ରାସ୍ତା ମରାମତି ପାଇଁ ଆକ୍ସନ ପ୍ଲାନ୍ ତିଆରି କରି ବ୍ଲକକୁ ପଠାଯାଇଛି। ଅନୁମୋଦନ ହୋଇ ଆସିଲେ ରାସ୍ତା କାମ କରାଯାଇଥାନ୍ତା। ତେବେ ଏଭଳି ଖବର ତମାମ୍ ଜିଲାର ରୋଚକ ବିଷୟ ହୋଇଛି।

### ତରପଦା ଗାଁର ୧ ନଂ. ୱାର୍ଡ

# ତଦନ୍ତ ପାଇଁ ପୋଲିସକୁ ଚିଠି ଲେଖିଲେ ତହସିଲଦାର

**ରାଜନଗର, ୨୩।୬ (ଭାସ୍କର ରାଉତରାୟ)**

### ରାଜନଗର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଭୂତଙ୍କ ଜମି ବିକ୍ରି ଘଟଣା

ରାଜନଗର ତହସିଲ ଅଧୀନରେ ଥିବା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ୨୫ ବର୍ଷ ତଳୁ ମୃତ୍ୟୁବରଣ କରିଥିବା ଭୂତ ଜମି ବିକିବା ଘଟଣାର ଗୁମର ଧୀରେ ଧୀରେ ପଦାକୁ ଆସୁଛି। ଏହି ମହାଦୁର୍ନୀତି ସମ୍ବନ୍ଧରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଜନଗର ତହସିଲଦାର ଏ ସମସ୍ତ ଘଟଣାର ପର୍ଦ୍ଦାଫାସ ପାଇଁ ରାଜନଗର ପୋଲିସକୁ ଚିଠି ଲେଖିବା ପରେ ଏହି ମହାଦୁର୍ନୀତି ଉପରୁ ପରଦା ଉଠୁଛି। ମୃତବ୍ୟକ୍ତି ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଆସିନାହାନ୍ତି, ବରଂ କାର୍ଯ୍ୟାଳୟର କର୍ମଚାରୀ ଭୂତ ନିକଟରେ ପହଞ୍ଚି ଦଲିଲରେ ଦସ୍ତଖତ ଆଣିଛନ୍ତି। ଉପନିବନ୍ଧକଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି, କ୍ରେତା, ଚିହ୍ନଟ କରିଥିବା ବ୍ୟକ୍ତି ଓ ଦଲିଲ ଲେଖନକାରୀଙ୍କୁ ସାଙ୍ଗରେ ଧରି ମୃତବ୍ୟକ୍ତିଙ୍କ ନିକଟରେ ପହଞ୍ଚି ଦଲିଲରେ ଦସ୍ତଖତ ଆଣିବାରେ ସଫଳ ହୋଇଛନ୍ତି। ମୃତ ଜମି ମାଲିକଙ୍କ ଝିଅ ରାଜନଗର ଥାନା ଓ ତହସିଲଦାରଙ୍କ ନିକଟରେ ଏ ନେଇ ଅଭିଯୋଗ କରିବା ପରେ ଭୂତର ଜମି ବିକ୍ରି ଖବର ସାମ୍ନାକୁ ଆସିଛି।

ଭଦ୍ରକ ଜିଲାର ଉପେନ୍ଦ୍ର ଖିଲାର ୧୯୯୮ରୁ ମୃତ୍ୟୁବରଣ କରି ସାରିଛନ୍ତି। ଭଦ୍ରକ ଜିଲା ଜାଗୁଲାଇ ଗାଁର କାର୍ତ୍ତିକ ଖିଲାରଙ୍କୁ ଉପେନ୍ଦ୍ର ଖିଲାର ଦର୍ଶାଇ ନକଲି ଆଧାରକାର୍ଡ଼ ମାଧ୍ୟମରେ ଉପେନ୍ଦ୍ରଙ୍କ ପାଖାପାଖି ୬ କୋଟି ଟଙ୍କାର ୫ ଏକର ୭୮ ଡେସିମିଲି ଜମିକୁ ଚଞ୍ଚକତା କରି ବିକ୍ରି କରି ଦିଆଯାଇଛି। ୨୫ବର୍ଷ ତଳୁ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ପାଖାପାଖି ୬ କୋଟି ଟଙ୍କାର ମୂଲ୍ୟବାନ ଜମିକୁ ମାତ୍ର ୧୧ ଲକ୍ଷ ୮୬ ହଜାର ଟଙ୍କାରେ ବିକ୍ରି କରାଯାଇଛି। ରାଜନଗର ତହସିଲ ଅନ୍ତର୍ଗତ ଭାଟପଡ଼ା ମୌଜାର ଖାତା ନଂ. ୮, ପ୍ଲଟ ନଂ. ୧୬୫, ରକବା ୫ ଏକର ୭୮ ଡେସିମିଲ ଜମି ସାହାଡ଼ା କଚେରୀ ସାହି ଭଦ୍ରକର ଉପେନ୍ଦ୍ର ଖିଲାରଙ୍କ ନାଁରେ ରହିଛି। ଉପେନ୍ଦ୍ର ୧୯୯୮ ମେ ୧୬ ତାରିଖରେ ମୃତ୍ୟୁବରଣ କରି ସାରିଛନ୍ତି। ମାତ୍ର ୨୦୨୩ ମେ ୨ ରେ ଏହି ଜମିକୁ ଜାଗୁଳା ଧାମରାର ନକଲି ଉପେନ୍ଦ୍ର କୁଶାଇଲୋ ଗ୍ରାମର ରାଧାରାଣୀ ରାଉଳଙ୍କୁ ବିକ୍ରି କରିଛନ୍ତି। ଉପେନ୍ଦ୍ର ଶଯ୍ୟାଶାୟୀ ଥିବା ଦର୍ଶାଇ ରାଜନଗର ଉପନିବନ୍ଧକ କାର୍ଯ୍ୟାଳୟର ମୁଖ୍ୟ କିରାଣି ବସନ୍ତ କୁମାର ସାହୁ ଉପେନ୍ଦ୍ରଙ୍କ ଘର ଜାଗୁଳା, ଧାମରାରେ ଚଳିତ ବର୍ଷ ମେ ୨ ତାରିଖରେ ପହଞ୍ଚି ଉପେନ୍ଦ୍ରଙ୍କଠାରୁ ୨ଟି ଦଲିଲରେ ଦସ୍ତଖତ ଆଣିଛନ୍ତି। ମେ ୩ରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟର ଦଲିଲ ନମ୍ବର ୧୦୯୮୨୩୦୦୮୮୪ ଓ ୧୦୯୮୨୩୦୦୮୮୫କୁ ମଞ୍ଜୁର ଦିଆଯାଇଛି। ୫ ଏକର ୭୮ ଡେସିମିଲି ଜମିକୁ ଦୁଇଭାଗ କରାଯାଇ ଦୁଇଟି କବଲା କରାଯାଇଛି। ୨ ଏକର ୮୯ ଡେସିମିଲି ଜମିକୁ ରାଧାରାଣୀ ୫ ଲକ୍ଷ ୯୩ ହଜାର ଟଙ୍କାରେ କିଣିଛନ୍ତି। ରାଧାରାଣୀ ୨ଟି କବଲାରେ ଉପେନ୍ଦ୍ରଙ୍କଠାରୁ ସମ୍ପୂର୍ଣ୍ଣ ଜମିକୁ ୧୧ ଲକ୍ଷ ୮୬ ହଜାର ଟଙ୍କାରେ କ୍ରୟ କରିଥିବା ଦଲିଲରେ ଦର୍ଶାଯାଇଛି। ଜମି ବିକ୍ରି କରିଥିବା ନକଲି ଉପେନ୍ଦ୍ରଙ୍କ ପୁଅ ବିଶ୍ୱଜିତ୍ ଖିଲାର ଓ କ୍ରେତାଙ୍କ ସ୍ୱାମୀ କ୍ଷୀରୋଦ କୁମାର ରାଉତରାୟ ଦଲିଲରେ ସାକ୍ଷୀ ପଡ଼ିଛନ୍ତି। ଜମି ବିକ୍ରି ହୋଇଥିବା ନେଇ ଖବର ପାଇବା ପରେ ଜମି ମାଲିକ ମୃତ ଉପେନ୍ଦ୍ରଙ୍କ ପରିବାର ଲୋକ ରାଜନଗର ତହସିଲ ଓ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଡିଲ ହେଉଥିବା ସମୟରେ କିପରି ପ୍ରମୋଦ ସେଠୀ ନାମକ ଜଣେ ଦଲାଲ ନକଲି ଉପେନ୍ଦ୍ର ଖିଲାରଙ୍କୁ କାର୍ତ୍ତିକ ଖିଲାର ସାଜି ଦଲିଲରେ ଦସ୍ତଖତ କରିବା ପାଇଁ ଟଙ୍କା ଯାଚୁଛନ୍ତି, ତା'ର ଭିଡିଓ ଏବେ ସାମ୍ନାକୁ ଆସିଛି।

୨୫ବର୍ଷ ତଳୁ ମୃତ୍ୟୁବରଣ କରି ସାରିଥିବା ଉପେନ୍ଦ୍ର ଖିଲାର କିପରି ଜମି ବିକିଲେ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ ଉପେନ୍ଦ୍ର ଶଯ୍ୟାଶାୟୀ, ରାଜନଗରକୁ ଆସିପାରିବେ ନାହିଁ, ଉପନିବନ୍ଧକଙ୍କ କାର୍ଯ୍ୟାଳୟର କର୍ମଚାରୀ ତାଙ୍କ ଘରକୁ ଯାଇଁ ଦଲିଲରେ ଦସ୍ତଖତ ଆଣିବାକୁ କିଏ ଆବେଦନ କରିଥିଲା ବୋଲି ସନ୍ଦେହ ଘନିଭୂତ ହେବାରେ ଲାଗିଛି। ଏ ନେଇ ମୁଖ୍ୟ କିରାଣୀ ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ଆମେ ଜାଣିନୁ, ସେ ଜାଗା କେଉଁ ଜାଗା। କିଣିଲା ବାଲା ଆମକୁ ଯେଉଁ ଜାଗାକୁ ନେଇକି ଗଲା, ଆମେ ସେଠି ପହଁଚି କବଲା କଲୁ, ସେ ଜାଗା ଜାଗୁଳା କି ବାଁଶଡ଼ା ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ସାମାଜିକ ଗଣମାଧ୍ୟମରେ ଏହି ଜମି ବିକ୍ରି ପଟ୍ଟାକୁ ନେଇ ହୋଇଥିବା ମହାଦୁର୍ନୀତିର ଯୋଜନା ସମୟରେ ଭିଡିଓ ଘୁରି ବୁଲୁଛି। ୧୧ ଲକ୍ଷ ୮୬ ହଜାର ଟଙ୍କାରେ ଜମି ବିକ୍ରି ଦୁର୍ନୀତି, ନକଲି ବିକ୍ରେତାଙ୍କ ସମ୍ପୃକ୍ତି ଏବଂ କିଣିଥିବା ଦମ୍ପତିଙ୍କ ଚଞ୍ଚକତାକୁ ନେଇ ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଏ ସମ୍ପର୍କରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ପଚାରିବାରେ ଅଭିଯୋଗ ପାଇଛୁ। ତଦନ୍ତ କରିବାକୁ ପୋଲିସକୁ ଲିଖିତ ଭାବେ ଜଣାଇଛୁ। ପୋଲିସ ପକ୍ଷରୁ ତଦନ୍ତ ରିପୋର୍ଟ ଆସିବା ପରେ ଏଥିରେ ସମ୍ପୃକ୍ତି ଥିବା କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ସେ କହିଛନ୍ତି।

# ରଣପୁରରେ କାମ କରୁଛନ୍ତି ଛତିଶଗଡ଼ ଶିଶୁ ଶ୍ରମିକ

- ୧ମାସ ହେଲା କାମ କରୁଛନ୍ତି ପିଏଚ୍ ବିଭାଗରେ
- ଜିଲା ଶ୍ରମ ବିଭାଗର ପଦକ୍ଷେପ ନାହିଁ

ନୟାଗଡ଼(ଲୋକନାଥ ମିଶ୍ର)/ ରଣପୁର (ସୁକାନ୍ତ କିଶୋର ଡାକୁଆ), ୨୩।୬:

ନୟାଗଡ ଜିଲା ରଣପୁର ବ୍ଲକର ରଣପୁର ଜନସ୍ୱାସ୍ଥ୍ୟ (ପିଏଚ)ଅନୁଖଣ୍ଡ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଛତିଶଗଡ ମାଙ୍ଗୁଲୁ ଗାଁର ୮ରୁ ୧୦ ଜଣ ଶିଶୁ ଶ୍ରମିକ ସାଧାରଣ ଶ୍ରମିକ ଭାବେ କାମ କରି ଆସୁଛନ୍ତି । ଜିଲାରେ ଶ୍ରମ ବିଭାଗର ଶିଶୁ କିଶୋର ଶ୍ରମିକ ନିରାକରଣ ମାସ ଚାଲିଥିବାବେଳେ ଚଢ଼ାଉ କି ଧରପଗଡ ନ ଥିବାରୁ ଶ୍ରମ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି । ଖବର ପାଇ ଗଣମାଧ୍ୟମର ପ୍ରତିନିଧିମାନେ ଶୁକ୍ରବାର ରଣପୁର ଜନସ୍ୱାସ୍ଥ୍ୟ (ପିଏଚ)ଅନୁଖଣ୍ଡ କାର୍ଯ୍ୟାଳୟକୁ ଯାଇ ଶିଶୁ ଶ୍ରମିକମାନଙ୍କୁ ପଚରାଉଚୁରା କରିବା, ଶିଶୁ ଶ୍ରମିକ କାମ କରୁଥିବାର ଫଟୋ ଓ ଭିଡିଓ ଉତ୍ତୋଳନ କରିବା ପରେ ଶିଶୁ ଶ୍ରମିକମାନଙ୍କୁ ଲୁଚାଇ ଦିଆଯାଇଛି । ତେବେ ଶିଶୁ ଶ୍ରମିକ ସରକାରୀ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟରେ ନିୟୋଜିତ ହୋଇଥିବାର ଫଟୋ ଓ ଭିଜୁଆଲ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଖବର ପାଇ ଜିଲା ଶ୍ରମ ଅଧିକାରୀ ଘଟଣାସ୍ଥଳ ତଦନ୍ତ କରି ଫେରିଛନ୍ତି । ରଣପୁର ଜନସ୍ୱାସ୍ଥ୍ୟ ଅନୁଖଣ୍ଡ କାର୍ଯ୍ୟାଳୟରେ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ଚାଲିଛି । କେ.ଏନ୍. ନାମକ ଏକ କମ୍ପାନୀ ଏହାର ଠିକା ନେଇ କାମ କରୁଛି । ତେବେ ଏହି କମ୍ପାନୀ ଶ୍ରମିକମାନଙ୍କୁ କାମରେ ନିୟୋଜିତ ନ କରି ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରାଇ କାମ କରୁଛି । ପୁଣି ଶିଶୁ ଶ୍ରମିକମାନେ ନୟାଗଡ଼ ଜିଲାର ନୁହେଁ। ଛତିଶଗଡ ମାଙ୍ଗୁଲୁ ଗାଁର ୮ରୁ ୧୦ ଜଣ ନାବଳିକା ନାବାଳକ ଏହି କାମରେ ନିୟୋଜିତ କରାଯାଇଛି । ଏମାନଙ୍କର ବୟସ ୧୨ ବର୍ଷ ଭିତରେ । ଏମାନଙ୍କୁ କାମରେ ନିୟୋଜିତ କରାଯାଇଥିଲେହେଁ ଶ୍ରମିକ ମାନଙ୍କ ନାଁରେ କାମ ଦର୍ଶାଯାଉଛି। ଠିକାଦାର କମ ମଜୁରି ଦେଇ ଶିଶୁ ଶ୍ରମିକଙ୍କୁ ଅଧିକ ସମୟ ଖଟାଇ ଅଧିକ କାମ ଆଦାୟ କରୁଛି । ପ୍ରଶ୍ନ ଉଠୁଛି ପ୍ରାୟ ୧ମାସ ହେଲା ରଣପୁର ଜନସ୍ୱାସ୍ଥ୍ୟ ଅନୁଖଣ୍ଡ କାର୍ଯ୍ୟାଳୟରେ କାମ ଚାଲୁଥିଲେ ମଧ୍ୟ ପ୍ରଶାସନ ଜାଣି ପାରିଲା ନାହିଁ କିପରି । ରଣପୁର ଜନସ୍ୱାସ୍ଥ୍ୟ ଅନୁଖଣ୍ଡ ବିଭାଗ ମଧ୍ୟ ଚୁପ କାହିଁକି ରହିଛି । ଏନେଇ ରଣପୁର ଜନସ୍ୱାସ୍ଥ୍ୟ ଅନୁଖଣ୍ଡର ଜେଇ ବିନୋଦ ସାହୁ କୁହନ୍ତି, ମୁଁ ଅବଗତ ହେବା ପରେ ଶିଶୁ ଶ୍ରମିକଙ୍କୁ କାମରେ ଲଗାଇବାକୁ ବାରଣ କରିଛି ବୋଲି କହିଛନ୍ତି । ଜିଲା ଶ୍ରମ ଅଧିକାରୀ ଚିତ୍ତ ରଞ୍ଜନ ରାଉତ କୁହନ୍ତି, ଅଭିଯୋଗ ପାଇ ରଣପୁରରେ ଚଢ଼ାଉ କରିଥିଲୁ। ହେଲେ ଶିଶୁ ଶ୍ରମିକଙ୍କୁ ପାଇଲୁ ନାହୁଁ। ଶିଶୁ ଶ୍ରମିକ କାମ କରୁଥିବାର ଭିଡିଓ ଓ ଫଟୋ ଭାଇରାଲ ହେଉଛି। ଏହାର ଅନୁଧ୍ୟାନ କରୁଛୁ। ଠିକାଦାରଙ୍କ ନାଁ ଓ ଠିକଣା ଟିପି କରି ଆଣିଛୁ। ଠିକାଦାରଙ୍କୁ ଏନେଇ ନୋଟିସ୍ କରାଯିବ ବୋଲି କହିଛନ୍ତି ।


ଶିଶୁ ଶ୍ରମିକମାନେ ଏକ ପ୍ରକଳ୍ପ ନିର୍ମାଣରେ ନିୟୋଜିତ ହୋଇଛନ୍ତି ।

## ହାଇ ସିକ୍ୟୁରିଟ୍ ନମ୍ବର ପ୍ଲେଟ୍ ଚେକିଂ ୧୬ ଜଣଙ୍କ ନାଁରେ ୮୦ହଜାର ଟଙ୍କାର ଚାଲାଣ କଟିଲା

ନୟାଗଡ,୨୩।୬(ଲୋକନାଥ ମିଶ୍ର):

ହାଇ ସିକ୍ୟୁରିଟ୍ ନମ୍ବର ପ୍ଲେଟ ଚେକିଂ ନୟାଗଡ ଜିଲାର ବିଭିନ୍ନ ସ୍ଥାନରେ ନୟାଗଡ ଆରଟିଓ ପକ୍ଷରୁ କରାଯାଇଛି । ହାଇ ସିକ୍ୟୁରିଟ୍ ନମ୍ବର ପ୍ଲେଟ ବ୍ୟବହାର କରି ନ ଥିବା ୧୬ଜଣଙ୍କୁ ୮୦ ହଜାର ଟଙ୍କା ଫାଇନ କରାଯାଇ ଚାଲାଣ କଟାଯାଇଛି । ସେହିପରି ହେଲମେଟ ଧରପଗଡ, ଓଭର ସ୍ପିଡ, ମୋବାଇଲ ଧରି ଗାଡି ଚାଳନା କରିବା, ସିଟ୍ ବେଲ୍ଟ ବ୍ୟବହାର ନ କରିବା କ୍ଷେତ୍ରରେ ୨୫ଟି ଯାନବହନ ଯାଞ୍ଚ କରାଯାଇ ୩ ଲକ୍ଷ ୨୦ ହଜାର ଟଙ୍କାର ଅନୁରୂପ ଭାବେ ଫାଇନ କରାଯାଇ ଚାଲାଣ କଟା ଯାଇଛି ବୋଲି ଆରଟିଓ ପ୍ରଶାନ୍ତ ପରିଡା ସୂଚନା ଦେଇଛନ୍ତି । ଚଢ଼ାଉରେ ଟ୍ରାଫିକ ଇନ୍ସପେକ୍ଟର ସ୍ୱୟଂ ପ୍ରଭା ରଥ, ଏମ୍ଭିଆଇ ସନ୍ଦୀପ ପାଇକରାୟ ସାମିଲ ଥିଲେ ।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ନାବାଳକ ଚାଳକ ମୃତ

ନୟାଗଡ,୨୩।୬(ଲୋକନାଥ ମିଶ୍ର): ଇଟାମାଟି ଥାନା ଚମ୍ପତିପୁର ଅଞ୍ଚଳରେ ଟ୍ରାକ୍ଟର ଓଲଟି ଜଣେ ନାବାଳକ ଟ୍ରାକ୍ଟର ଚାଳକଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି । ମୃତକ ହେଲେ ରାଜା ସିନ୍ଧୁରା(୧୫) । ଘର ଚମ୍ପତିପୁରରେ । ରାଜା ଟ୍ରାକ୍ଟର ସହ ଲଙ୍ଗଳ ନେଇ ବିଲରେ ଚାଷ କରି ଫେରୁଥିଲେ । ଗାଁ ନିକଟସ୍ଥ ବନ୍ଧରେ ଆସୁଥିବାବେଳେ ଟ୍ରାକ୍ଟର ଓଲଟି ପଡିଥିଲା । ନାବାଳକ ଚାଳକ ଟ୍ରକ୍ ତଳେ ରହି ଗୁରୁତର ହୋଇଥିଲେ । ରାଜାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ଶନିବାର ମୃତ ଦେହ ବ୍ୟବଚ୍ଛେଦ ହେବାର ଥିଲା । ହେଲେ ତାଙ୍କ ପରିବାର ସଦସ୍ୟ ଓ ଅନ୍ୟକେତେଜଣ ଲୋକ ମୃତଦେହକୁ ଏକ ବାଇକରେ ଜୋରଜବରଦସ୍ତ ନେଇଯାଇଥିବା ସୂଚନା ମିଳିଛି ।

### ମହାପ୍ରଭୁଙ୍କ ବରାହ ଅବତାର




ଦଶପଲ୍ଲା,୨୩।୬( ପ୍ରକାଶ କୁମାର ପାଣି)- ଶୁକ୍ରବାର ମହାବୀର କ୍ଷେତ୍ର ଦଶପଲ୍ଲାରେ ପବିତ୍ର ଜନ୍ମବେଦୀରେ ତୃତୀୟ ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବରାହ ଅବତାର ବେଶ ରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ମନ୍ଦିର ପରିସରରେ ମହାପ୍ରଭୁଙ୍କ ନୀତି କାନ୍ତି ସରିବା ପରେ ବରାହ ଅବତାରରେ ଦର୍ଶନ ଦେଇଥିଲେ ।

### ମୁମ୍ବାଇରୁ ଗାଁକୁ ଫେରିଲା ଦାଦନଙ୍କ ମୃତଦେହ

ପୋଲସରା,୨୩।୬,(ଶିବପ୍ରସାଦ ସାହୁ): ପୋଲସରା ଥାନା ଅନ୍ତର୍ଗତ ପାଣ୍ଡିରିପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରାଇପଡ଼ା ଗ୍ରାମର ଜଣେ ଯୁବକ ମୁମ୍ବାଇରେ ଦାଦନ ଶ୍ରମିକ ଭାବରେ କାମ କରୁଥିବା ବେଳେ ମୃତ୍ୟୁ ଘଟିଛି। ସେ ହେଲେ ଭଗବାନ ପ୍ରଧାନଙ୍କ ୨୧ ବର୍ଷର ପୁଅ ସାଗର ପ୍ରଧାନ। ସେ ବାଣପୁରର ଜଣେ ଠିକାଦାରଙ୍କ ସହଯୋଗରେ କାମ କରୁଥିଲେ। ସେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା । ଶବ ବ୍ୟବଚ୍ଛେଦ ପରେ ପାଣ୍ଡିରିପଡ଼ା ସରପଞ୍ଚ ରଘୁନାଥ ଭୂୟାଁଙ୍କ ସହଯୋଗରେ ମୃତଦେହକୁ ମୁମ୍ବାଇରୁ ଆମ୍ବୁଲାନ୍ସ ଯୋଗେ ନିଜ ଗ୍ରାମକୁ ଅଣାଯାଇ ସତ୍କାର କରାଯାଇଛି। ସଂପୃକ୍ତ ଠିକାଦାର ମୃତକଙ୍କ ପରିବାରକୁ ଦୁଇ ଲକ୍ଷ ଟଙ୍କାର ସହାୟତା ରାଶି ଯୋଗାଇ ଦେଇଛନ୍ତି।

# ମହିଳା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମହିଳା ଜୀବିକା ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଦଶପଲ୍ଲା,୨୩।୬( ପ୍ରକାଶ କୁମାର ପାଣି)

ଶୁକ୍ରବାର ୧୨ ଦଫା ଦାବି ନେଇ ମହିଳା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଦାବିପତ୍ର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି । ମହିଳା ଜୀବିକା ସୁରକ୍ଷା ମଞ୍ଚର ସଂଯୋଜକ କୁନାକାନ୍ତ ବେହେରାଙ୍କ ନେତୃତ୍ୱରେ ମହିଳା ଜୀବିକା ସୁରକ୍ଷା ମଞ୍ଚର ସଦସ୍ୟମାନେ ଐତିହାସିକ ମେଳିଆ ତୋଟାଠାରୁ ଏକ ଶୋଭାଯାତ୍ରାରେ ବାହାରି,ଦଶପଲ୍ଲା ବ୍ଲକ ପରିସରରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ସମସ୍ତ ପରିବାରକୁ ଶୁଦ୍ଧ ପିଇବା ପାଣି ଯୋଗାଇ ଦେବା ଓ ସମସ୍ତ ପିଇବା ପାଣିର ଉତ୍ସଗୁଡିକୁ ମରାମତି କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ସମସ୍ତ ଯୋଗ୍ୟ ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର ଯୋଗାଇ ଦେବାକୁ ଦାବି କରାଯାଇଛି। ସେହିପରି ସମସ୍ତ ପରିବାରକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଉପରେ ଦାବି ହୋଇଛି । ବୃଦ୍ଧା,ବୃଦ୍ଧ, ବିଧବା ଏବଂ ଦିବ୍ୟାଙ୍ଗମାନଙ୍କୁ ତୁରନ୍ତ ଭତ୍ତା ଯୋଗାଇଦେବା ଓ ଭତ୍ତାର ପରିମାଣ ୨୦୦୦ ଟଙ୍କାକୁ ବୃଦ୍ଧି କରାଯାଉ ଓ ହାତରେ ନଗଦ ଟଙ୍କା ଆକାରରେ ଘରେ ଘରେ ଭତ୍ତା ପ୍ରଦାନ କରିବାକୁ ଦାବି କରାଯାଇଛି । ସମସ୍ତ ଯୋଗ୍ୟ ପରିବାରକୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଓ ଗ୍ରାମଗୁଡିକୁ ସାମୁହିକ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାର ବ୍ୟବସ୍ଥା କରାଯାଉ । ସମସ୍ତ ଯୋଗ୍ୟ ପରିବାରକୁ ଘରଡ଼ିହ ପଟ୍ଟା ପ୍ରଦାନ, ଚାଷଜମିକୁ ଜଳସେଚନ ଯୋଗାଇଦେବା ,। ସମସ୍ତ ଚାଷୀ ପରିବାରକୁ ରବି ଋତୁରେ ଚାଷ ନିମନ୍ତେ ସେପ୍ଟେମ୍ବର ସୁଦ୍ଧା ଡାଲି ଜାତୀୟ ବିହନ ମାଗଣାରେ ଯୋଗାଇବା, ପରିବାରର ବାଦ ପଡିଥିବା ସଦସ୍ୟମାନଙ୍କୁ ତୁରନ୍ତ ରାଶନ କାର୍ଡରେ ନାମ ପଞ୍ଜୀକୃତ କରିବା, ସମସ୍ତ ବିଦ୍ୟାଳୟର ଭିତ୍ତିଭୂମି ଯଥା– ଶ୍ରେଣୀ ଗୃହ, ରୋଷେଇ ଘର, ଶୁଦ୍ଧ ପିଇବା ପାଣି, ଖେଳପଡିଆ, ଶୌଚାଳୟ, ଓ ପାଚେରୀ ଆଦି ମରାମତି ଓ ନିର୍ମାଣ କରାଯାଉ । ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତ, ୧୫୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ପଡା ଗ୍ରାମଗୁଡ଼ିକରେ ତୁରନ୍ତ ମିନି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ଯଥା– ପକ୍କାଗୃହ ନିର୍ମାଣ, ପିଇବା ପାଣି, ଶୌଚାଳୟ, ରୋଷେଇ ଗୃହ ଓ ପାଚେରୀ ନିର୍ମାଣ, ଦଶପଲ୍ଲା ବ୍ଲକ ମଧ୍ୟରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଅଙ୍ଗନୱାଡ଼ି ଘର ଗୁଡ଼ିକ ସମ୍ପୂର୍ଣ୍ଣ କରିବା , ସମସ୍ତ ଗ୍ରାମକୁ କଂକ୍ରିଟ ରାସ୍ତା ଓ ରାସ୍ତା ଗୁଡ଼ିକର ମରାମତି, ବର୍ଷା ଦିନ ପୂର୍ବରୁ ଗ୍ରାମାଞ୍ଚଳରେ ଥିବା ଡ୍ରେନ ଗୁଡ଼ିକୁ ସଫେଇ କରିବା, ନଳକୂପ ଓ ପଥର କୂପଗୁଡ଼ିକ ମରାମତି କରିବା ଆଦି ମୁଖ୍ୟ ଦାବି କରାଯାଇଛି । ବିଡ଼ିଓଙ୍କ ଅନୁପସ୍ଥିତି ରେ ଏବିଡିଓ ସତ୍ୟନାରାୟଣ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

## ମିଳିତ ଆକ୍ରମଣରେ ବିଜେଡି ସମର୍ଥକ ଆହତ

### ଘଣ୍ଟସାହି ଗାଁରେ ଉତ୍ତେଜନା

ନୟାଗଡ,୨୩।୬(ଲୋକନାଥ ମିଶ୍ର): ନୟାଗଡ ସଦର ଥାନା ବାଲୁଗାଁ ପଞ୍ଚାୟତ ଘଣ୍ଟସାହିରେ ଭାଜପା କର୍ମୀଙ୍କ ମିଳିତ ଆକ୍ରମଣରେ ବିଜେଡି କର୍ମୀ ଦିଲୀପ କୁମାର ପରିଡା ଆହତ ହୋଇଥିବା ଜଣାପଡିଛି । ଦିଲୀପ ନୟାଗଡ଼ରୁ ଘରକୁ ଫେରୁଥିବାବେଳେ ଶୁକ୍ରବାର ଅପରାହ୍ନରେ ମହମାୟୀ ମନ୍ଦିର ନିକଟରେ ଭାଜପା କର୍ମୀ ଏକାଠି ହୋଇ ପୂର୍ବ ଯୋଜନା ମୁତାବକ ଲୁଚି ରହିଥିଲେ । ଏ ଘଟଣା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି । ଖବର ପାଇ ପୋଲିସ ଘଟଣା ତଦନ୍ତ ଆରମ୍ଭ କରିଛି ।

## ନାବାଳିକା ବିବାହ ପଣ୍ଡ କଲା ଚାଇଲ୍ଡଲାଇନ

ନୟାଗଡ,୨୩।୬(ଲୋକନାଥ ମିଶ୍ର): ଜିଲା ପ୍ରଶାସନ ଓ ଚାଇଲ୍ଡ ଲାଇନ ପକ୍ଷରୁ ମିଳିତ ଭାବରେ ଶୁକ୍ରବାର ଚଢ଼ାଉ କରାଯାଇ ଏକ ନାବାଳିକା ବିବାହକୁ ପଣ୍ଡ କରାଯାଇଛି । ଦଶପଲ୍ଲା ଖମାରସାହିର ଜିତୁ ତାରିଣିଆଁ(୩୦) ନାମକ ଜଣେ ଡ୍ରାଇଭର ନୟାଗଡ କଇଥଗାଡିଆ ଗାଁ ନିକଟସ୍ଥ ଜାମୁସାହିର ଜଣେ ୧୬ ବର୍ଷର ନାବଳିକାଙ୍କୁ ବିବାହ କରିଥାନ୍ତେ । ଏଥିପାଇଁ ଗାଡି ପଠାଇ ଝିଅକୁ ଦଶପଲ୍ଲା ନେଉଥିଲେ । ନାବାଳିକା କନିଆ ବେଶରେ ସଜ୍ଜିତ ହୋଇ ଗାଡିରେ ଯାଉଥିଲା । ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶିବାନୀ ପ୍ରଧାନ, ସହଯୋଗୀ ବିସ୍ମୟ ମୋହନ ସାହୁ, ଚାଇଲ୍ଡ ଲାଇନର ବିକ୍ରମ ପ୍ରଧାନ, ବାଲ୍ୟ ବିବାହ ନିଷେଧ ଅଧିକାରୀଣି ସୌଦାମିନି ପଣ୍ଡା ପ୍ରମୁଖ ଚଢ଼ାଉ କରି ନାବାଳିକାଙ୍କୁ ଧାର କରି ସଖି କେନ୍ଦ୍ରରେ ରଖିଛନ୍ତି । ସେପଟେ ଦଶପଲ୍ଲାରେ ଆଉ ବିବାହ ହୋଇ ପାରି ନାହିଁ।

## ଏସ୍ଆଇ ଓ କନ୍ଷ୍ଟେବଲ ନିଲମ୍ବିତ

### ହାଜତରୁ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣା

ଖଣ୍ଡପଡ଼ା,୨୩।୬(ଅଜୟ କୁମାର ମହାରଣା) ଖଣ୍ଡପଡ଼ା ଥାନା ଅଧୀନ ବେଣାଗାଡିଆ ଗ୍ରାମରୁ ଏକ ଚୋରି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ବଡବାଣପୁର ପଞ୍ଚାୟତ ଅଧୀନ ଟାଙ୍କୁପଡା ଗ୍ରାମର ପ୍ରକାଶ ନାଏକକୁ ଗିରଫ କରି ଖଣ୍ଡପଡା ଥାନା ହାଜତରେ ଅଟକ ରଖିଥିଲା । ଗତ ୧୬ ତାରିଖ ରାତିରେ ଅଭିଯୁକ୍ତ ପ୍ରକାଶ ଡ୍ୟୁଟିରେ ଥିବା କନ୍ଷ୍ଟେବଳ ସର୍ବେଶ୍ୱର ମହାଖୁଡଙ୍କ ଅସାବଧାନତାର ସୁଯୋଗ ନେଇ ଥାନା ହାଜତରୁ ଚମ୍ପଟ ମାରିଥିଲା । ପରେ ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ପ୍ରକାଶଙ୍କ କୌଣସି ସନ୍ଧାନ ମିଳି ନ ଥିଲା । ତେବେ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ନୟାଗଡ ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି ଖଣ୍ଡପଡା ଥାନାରେ କାର୍ଯ୍ୟରତ ଏସଆଇ ଉପେନ୍ଦ୍ର କୁମାର ଦିଗଲ ଓ କନ୍ଷ୍ଟେବଳ ସର୍ବେଶ୍ୱରଙ୍କୁ ଶୁକ୍ରବାର କାର୍ଯ୍ୟରୁ ନିଲମ୍ବିତ କରିଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି ।

## ଜିଲାପାଳ ଅଫିସ ଘେରିଲା ଜିଲା ଆଉଟସୋର୍ସିଂ କର୍ମଚାରୀ ସଂଘ

ନୟାଗଡ,୨୩।୬(ଲୋକନାଥ ମିଶ୍ର): ସ୍ଥାୟୀ ଚାକିରି ଦାବି ରଖି ନୟାଗଡ଼ ଜିଲା ଆଉଟ ସୋର୍ସି କର୍ମଚାରୀ ସଂଘ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଏ ଅବସରରେ ନୟାଗଡ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରା ନୟାଗଡ ସହର ପରିକ୍ରମା କରିଥିଲା । ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଧାରଣା ଦେଇ ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅଭିଯୋଗ ଅନୁସାରେ ୨୦୨୨ ନଭେମ୍ବର ୨୬ରେ ରାଜ୍ୟସ୍ତରୀୟ ଆନ୍ଦୋଳନ ହୋଇଥିଲା । ସରକାର ୧ମାସ ସମୟନେଇ ଆନ୍ଦୋଳନକୁ ପ୍ରତ୍ୟାହାର କରିବାକୁ କହିବା ପରେ ସଂଘ ଆନ୍ଦୋଳନରୁ ଓହରିଥିଲା । ତେବେ ଦାବି ପୂରଣ ନ ହେବାରୁ ଫେବୃୟାରୀ ୧୮ରେ ଜାଗର ଜାଳି ଗଣଧାରଣା ଦେବାକୁ ତତ୍କାଳିନ ମୁଖ୍ୟ ଶାସନ ସଚିବଙ୍କୁ ଦିଆ ଯାଇଥିଲା । ପୁଣି ୧ମାସ ମଧ୍ୟରେ ଦାବି ପୂରଣ ହେବାକୁ ପ୍ରତିଶ୍ରୁତି ମିଳିଥିଲା । ତେବେ ସେ ଚାକିରିରୁ ଅବସର ନେଇ ଯାଇଥିଲେହେଁ କିଛି କରି ନ ଥିଲେ । ପ୍ରତିବାଦରେ ମାର୍ଚ୍ଚ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ କର୍ମଚାରୀମାନେ କଳା ବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ । ସେହିପରି ଗତ ମାର୍ଚ୍ଚ ୨୫, ୨୬ ଓ ୨୭ ତାରିଖରେ ଗାନ୍ଧୀ ମାର୍ଗରେ ଆନ୍ଦୋଳନ ହୋଇଥିଲା । ଉନ୍ନୟନ କମିଶନରଙ୍କ ସହ ଆଲୋଚନା ପରେ ପୁଣି ୧ମାସ ସମୟ ନେଲେ । ଇତି ମଧ୍ୟରେ ୩ମାସ ଅତିକ୍ରମ ପରେ ବି ଦାବି ପୂରଣ ହୋଇ ନାହିଁ । ଏଣୁ ୨୩ ତାରଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ୧ସପ୍ତାହ ମଧ୍ୟରେ ସରକାର ଦାବି ପୂରଣ ନକଲେ ଜୁଲାଇ ମାସରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବାକୁ ଚେତାବନୀ ଦେଇଛନ୍ତି।

## ପରିବେଶ ସୁରକ୍ଷା ପାଇଁ ରାଜ୍ୟପାଳଙ୍କୁ ଭେଟିଲେ ପରିବେଶ କର୍ମୀ



ଓଡଗାଁ,୨୩।୬(ଆଦର୍ଶ କୁମାର ପଟ୍ଟନାୟକ)

ବିଶ୍ୱରେ ଅସନ୍ତୁଳିତ ପରିବେଶ ଜୀବ ଜଗତ ପ୍ରତି ଆହ୍ୱାନ ରୂପେ ଉଭା ହୋଇଛି। ବିଶ୍ୱତାପନ ସହ ଜଳବାୟୁ ପରିବର୍ତ୍ତନ ପୃଥିବୀର ଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷକୁ ହନ୍ତସନ୍ତ କରି ସାରିଲାଣି। କରୋନା ମହାମାରୀ ପରି ଚଳିତ ବର୍ଷର ପ୍ରଚଣ୍ଡ ଖରା ମଣିଷକୁ ଘରେ ରହିବାକୁ ବାଧ କରିଛି। ଆଗକୁ ଜଳ ଜଳ ଦେଖାଯାଉଥିବା ପରିବେଶ ଜନିତ ସମସ୍ୟାକୁ ମୁକାବିଲା କରିବାକୁ ହେଲେ ମଣିଷକୁ ସଚେତନ ହେବା ସହିତ ସଂଯମତା ଅବଲମ୍ବନ କରିବାକୁ ପଡ଼ିବ। ବ୍ୟାପକ ବୃକ୍ଷ ରୋପଣ ,ଜଙ୍ଗଲ ସୁରକ୍ଷା,ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ସୁପରିଚାଳନା ଆଜିର ସମୟ ପାଇଁ ଜରୁରୀ ମନେହୁଏ। ନୟାଗଡ଼ ଜିଲାରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଗଠିତ ପରିବେଶ ସମନ୍ୱୟ ସମିତି ତଥା ପରିବେଶ ,ସମାଜ ଓ ସାହିତ୍ୟ ଭିତ୍ତିକ ଅନୁଷ୍ଠାନ ମାଟିର ସ୍ୱରର ସଦସ୍ୟ ସମ୍ପାଦକ ପ୍ରଭାତ କୁମାର ସାହୁ,କବି ପ୍ରଫୁଲ୍ଲ ମାଝି,ପ୍ରକୃତି ବନ୍ଧୁ ସୁକାନ୍ତ ଚୌଧୁରୀଙ୍କ ସହ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସଚେତନତା ସୃଷ୍ଟି ପାଇଁ ଗଠିତ ଅନୁଷ୍ଠାନ ପପେଟର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ପଟ୍ଟନାୟକ ରାଜଭବନରେ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲଙ୍କୁ ଭେଟି ଗୋଟିଏ ବେଲ ଗଛ ଏବଂ ମାଟିର ସ୍ୱରର କବିତା ପୁସ୍ତକର ବାର୍ଷିକ ସଙ୍କଳନ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି।

# ବାଉଁଶଗାଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୁରବସ୍ଥା

### ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ

ଓଡ଼ଗାଁ,୨୩।୬(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଉଁଶଗାଡିଆର ଦୁରବସ୍ଥା ଦେଖିଲେ ଏହାର ବିକାଶର ଅସଲ ସ୍ୱରୂପ ପଦାରେ ପଡୁଛି । ଏହା ବିକାଶର ନଗ୍ନ ନମୁନା ବୋଲି ଅଭିଭାବକମାନେ ମତ ରଖିଛନ୍ତି । ୧୯୬୦ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟ ବ୍ଲକ ସଦର ମହକୁମାଠାରୁ ମାତ୍ର ୬ କି.ମି. ଦୂରରେ ରହିଥିବା ବେଳେ ଏଥିପ୍ରତି ପ୍ରଶାସନିକ କିମ୍ବା ରାଜନୈତିକ ଦୃଷ୍ଟି ଗୋଚର ନ ହେବା ପରିତାପର ବିଷୟ । ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଥିବା ବେଳେ ସମୁଦାୟ ୮୫ ଜଣ ଛାତ୍ରୀଛାତ୍ର ଓ ପ୍ରଧାନ ଶିକ୍ଷକଙ୍କ ସମେତ ୩ ଜଣ ଶିକ୍ଷକ ରହିଛନ୍ତି । ହେଲେ ବିଦ୍ୟାଳୟରେ ଭାଙ୍ଗିରୁଜି ଯାଇଥିବା ୩ ଶ୍ରେଣୀ ଗୃହ ଓ ଅଫିସ ରହିଛି । ପ୍ରାୟ ୧୫ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିବା ଏହି ଶ୍ରେଣୀ ଗୃହରୁ ପାଣି ଗଳୁଥିବା ବେଳେ ଛାତରୁ ପ୍ଲାଷ୍ଟର ଖସିଗଲାଣି । ଝରକା, କବାଟରେ ଉଈ ଲାଗି ଅତି ବିପଦଜନକ ଅବସ୍ଥାରେ ଓହଳି ରହିଛି । ପିଲାମାନେ ଶ୍ରେଣୀ ଗୃହରେ ବସିବାକୁ ସୁରକ୍ଷିତ ମନେ କରୁ ନାହାନ୍ତି । ଛାତରୁ ପାଣି ଗଳୁଥିବା କାରଣରୁ ସମସ୍ତ କାନ୍ଥ ଭିତର ଓ ବାହାରେ ଶିଉଳୀ ଲାଗି ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିସ୍ଥିତି ଦେଖା ଦେଇଛି । ହେଲେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାମାନେ ୩ଟି ଶ୍ରେଣୀଗୃହରେ ବସି ପାଠ ପଢୁଛନ୍ତି । ସ୍କୁଲ ପାଚେରୀ ନ ଥିବା କାରଣରୁ ଛୁଟି ହେବା ପରେ ସେଠାରେ ଅସାମାଜିକଙ୍କ ଆଡ୍ଡା ଜମୁଛି ।




ବିଦ୍ୟାଳୟର ଦୁରାବସ୍ଥା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଯ୍ୟୋଧନ ମହାରଣା କୁହନ୍ତି, ଆମେ ଏନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ । ତତ୍କାଳୀନ ବିଡିଓ ଓ ବିଇଓଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲୁ । ଏପରି କି ଗାଁରେ ହାଇସ୍କୁଲ ଉଦଘାଟନ କରିବାକୁ ଆସିଥିବା ବିଧାୟକ ଅରୁଣ କୁମାର ସାହୁଙ୍କୁ କମିଟି ସଦସ୍ୟ ଭେଟି ଲିଖିତ ଅଭିଯୋଗ କରିବା ସହିତ କୋମଳମତି ପିଲାଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ନୂତନ ସ୍କୁଲ ଗୃହ ନିର୍ମାଣ କରିବାକୁ ଅନୁରୋଧ କରିଥିଲୁ । ହେଲେ ସେ ସେଠାରେ ଉପସ୍ଥିତ ଥିବା ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କୁ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ ସୁଦ୍ଧା ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ । ଆଗାମୀ ଦିନରେ ଏନେଇ କୌଣସି ସୁଫଳ ନ ମିଳିଲେ ସେମାନେ ସ୍କୁଲରେ ତାଲା ପକାଇ ପିଲାଙ୍କ ସହିତ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷେ ସ୍କୁଲ ଛାତ୍ରୀଛାତ୍ର, ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ଅଭିଭାବକମାନେ ସ୍କୁଲର ଦୁରାବସ୍ଥା ସମ୍ପର୍କରେ ଅସନ୍ତୁଷ୍ଟ ଥିବା ବେଳେ ସେମାନଙ୍କ ଉଦ୍ୟମ ପାଣି ଫାଟିଯାଇଥିବା କହିଛନ୍ତି । ଏନେଇ ବ୍ଲକ ଅଧ୍ୟକ୍ଷ ସାହୁଙ୍କୁ ପଚାରିବାରେ ସେ ସ୍କୁଲ ଦୁରାବସ୍ଥା ସମ୍ପର୍କରେ ଅବଗତ ଥିବା ବେଳେ ପ୍ରାଥମିକତାରେ ଏହି ସ୍କୁଲର ନୂତନ ଗୃହ ନିର୍ମାଣ କରାଯିବ ବୋଲି କହିଛନ୍ତି ।

# ମା' କୁମ୍ଭୀର ପ୍ରଜନନ ବେଳେ ଅଧିକ ହିଂସ୍ର

- ସ୍ଥଳଭାଗକୁ ଆସି ମଣିଷକୁ ଆକ୍ରମଣ କରିଥାନ୍ତି
- ଜୁନ୍, ଜୁଲାଇରେ ଅଣ୍ଡାଦାନ ପ୍ରକ୍ରିୟା ହୋଇଥାଏ
- ମାସକରେ ଜିଲାରେ କୁମ୍ଭୀର ଆକ୍ରମଣରେ ୨ ମୃତ
- ନଦୀକୂଳିଆ ବାସିନ୍ଦାଙ୍କୁ ମାଇକ ଯୋଗେ ସଚେତନତା

ମହାକାଳପଡ଼ା,୨୩।୬
(ପ୍ରତାପ ଚନ୍ଦ୍ର ସ୍ୱାଇଁ)




ନଦୀକୂଳରେ କୁମ୍ଭୀର ବାନ୍ଧିଥିବା ବସା। ଗାଁକୁ ଗାଁ ବୁଲି ବନ ବିଭାଗ କର୍ମଚାରୀ ମାଇକ୍‌ରେ ପ୍ରଚାର କରି କୁମ୍ଭୀର ଆକ୍ରମଣର ଭୟ ନେଇ ସଚେତନ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ଓ ମହାନଦୀ ତ୍ରିକୋଣଭୂମି ଅବବାହିକା ଅଞ୍ଚଳ ନଦୀ ନାଳ ଘେରା। ଜୁନ୍, ଜୁଲାଇରେ ମା' ବଉଳା କୁମ୍ଭୀର ପ୍ରଜନନ ଋତୁ ଓ ଅଣ୍ଡାଦାନ ପ୍ରକ୍ରିୟା ଯୋଗୁ ଅଧିକ ହିଂସ୍ର ହୋଇଥାନ୍ତି। ମା' କୁମ୍ଭୀରମାନେ ବିଶେଷକରି ନଦୀ, ନାଳ କୂଳ ସନ୍ତସନ୍ତିଆ ଘଞ୍ଚ ବୁଦା ମୂଳେ ଉଚ୍ଚ ଗଡ଼ାଣିଆ ସ୍ଥାନରେ ଅତି ସୁରକ୍ଷିତ ଭାବେ ଅଣ୍ଡାଦାନ କରନ୍ତି। ମା' କୁମ୍ଭୀର ଅଣ୍ଡାଦାନ ପୂର୍ବରୁ ବୁଦା ଉଚ୍ଚ ସ୍ଥାନରେ ହେନ୍ତାଳ ପତ୍ର, ପିଞ୍ଚା ପତ୍ର, ଖରି ତାଳପତ୍ର, କାଠି କୁଟା ଘାସ ଆଦିକୁ ସଂଗ୍ରହ କରି ୨ଫୁଟ୍ ଉଚ୍ଚରେ ସଜେଇ ରଖି ବସା ବାନ୍ଧି ତାହା ଭିତରେ ୬୦ଟି ପାଖାପାଖି ଅଣ୍ଡା ଦେଇଥାନ୍ତି। ଶତ୍ରୁ ଆକ୍ରମଣରୁ ଅଣ୍ଡାକୁ ରକ୍ଷା ପାଇଁ ତଥା କାଉ, କୁକୁର, ବିଲୁଆ, ଚିଲ ଆଦି ଜନ୍ତୁମାନଙ୍କଠାରୁ ସୁରକ୍ଷିତ ଭାବେ ଦୂରେଇ ରଖିଥାନ୍ତି। ଯାହାକି ଏବେ ବନ ବିଭାଗ ଓ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି।

ପରିବେଶପ୍ରେମୀ ସମରେନ୍ଦ୍ର ମହାଳି କହିଛନ୍ତି, ବସାର କିଛି ଦୂର ବା କୋଡ଼ିଏ ଫୁଟ୍ ମଧ୍ୟରେ ଅଣ୍ଡାକୁ ଶତ୍ରୁ କବଳରୁ ରକ୍ଷା ପାଇଁ ମା' କୁମ୍ଭୀର ଜଗି ରହିଥାଏ। ଯଦି କୌଣସି ଶତ୍ରୁ ଅଣ୍ଡା ଦେଇଥିବା ବସା ପାଖକୁ ଆସେ ମା' କୁମ୍ଭୀର ଅତର୍କିତ ଭାବେ ଆକ୍ରମଣ କରିଥାଏ। ଏହି ସମୟରେ ମା' କୁମ୍ଭୀର ଅଧିକ ହିଂସ୍ର ହୋଇଥାନ୍ତି। ମା' କୁମ୍ଭୀର ଅଣ୍ଡାଦାନ କରିଥିବା ବସାକୁ ଜଗି ରହି ଅଣ୍ଡାକୁ ଉଷୁମ ଦେଉଥିବା ବେଳେ ପୁରୁଷ କୁମ୍ଭୀରଟି ଖାଦ୍ୟ ଅନ୍ୱେଷଣରେ ମାଛ, କଙ୍କଡ଼ା, ପାଚିଲା ପିଞ୍ଚା କୋଳି ଓ ଅନ୍ୟ ଖାଦ୍ୟ ଧରି ମା' କୁମ୍ଭୀର ନିକଟକୁ ଆସିଥାଏ। ତେବେ ୪୫ରୁ ୬୦ ଦିନ ପରେ ଅଣ୍ଡାରୁ ଶାବକ ଜନ୍ମ ନେଇଥାଏ। ଏହି ଶାବକଗୁଡ଼ିକ ଟିକେ ବଡ଼ ହେବା ପରେ ମା' କୁମ୍ଭୀର ସାଙ୍ଗରେ ଧରି ନଦୀ ଓ ସମୁଦ୍ର ମଧ୍ୟକୁ ଯାଇଥାଏ। ନଦୀ ଓ ସମୁଦ୍ର ପ୍ରଖର ସ୍ରୋତରେ ମା' କୁମ୍ଭୀର ସହ ଶାବକ ଢେଉ ପାରି ହୋଇ ଆଗକୁ ପହଁରିଲେ ସେମାନେ ବଞ୍ଚିଥାନ୍ତି। ଯେଉଁ ଶାବକ ନଦୀର ପ୍ରଖର ଢେଉରେ ପାରି ହୋଇପାରନ୍ତି ନାହିଁ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ। ବ୍ଲକର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ଓ ମହାକାଳପଡ଼ା ବନାଞ୍ଚଳଗୁଡ଼ିକରେ ମହାନଦୀ ତ୍ରିକୋଣଭୂମି ଅବବାହିକା, ଗୋବରୀ ନଦୀ ପାର୍ଶ୍ୱ ଘଞ୍ଚ ବୁଦା, ଭିତର ଖରିନାସୀ, କଣ୍ଟିଲୋ, କଂସାରଡ଼ିଆ, ହେଟା ମୁଣ୍ଡିଆ ଆଦି ସଂରକ୍ଷିତ ଜଙ୍ଗଲ ସମେତ ରାମଚଣ୍ଡୀ ଗଳିଆ ନଦୀ, ଗୁପ୍ତଗିରି ନଦୀ ଘଞ୍ଚ ବୁଦା ମୂଳେ ବଉଳା କୁମ୍ଭୀରମାନଙ୍କ ବସା ଅତି ସୁରକ୍ଷିତ ଭାବେ ବାନ୍ଧି ଅଣ୍ଡାଦାନ କରିଥାନ୍ତି। ସାମାଜିକ କର୍ମୀ ସୁବାସ ସ୍ୱାଇଁ କହିଛନ୍ତି, ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ବନ ବିଭାଗ ଓ ସ୍ଥାନୀୟ ବାସିନ୍ଦାମାନଙ୍କ ସହଯୋଗ ରହିବା ଆବଶ୍ୟକ। ଅନେକ ସମୟରେ ନଦୀ କୂଳିଆ ଅଞ୍ଚଳ ଲୋକଙ୍କୁ ବଉଳା କୁମ୍ଭୀର ଆକ୍ରମଣରେ ଶିକାର ହେବାକୁ ପଡ଼ିଥାଏ। ନଦୀ କୂଳରେ ଚରୁଥିବା ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା, ବତକମାନଙ୍କୁ କୁମ୍ଭୀର ଆକ୍ରମଣ କରୁଥିବା ନଜିର ରହିଛି। ଚଳିତ ମାସରେ ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ୨ ଜଣଙ୍କ ଜୀବନ କୁମ୍ଭୀର ଆକ୍ରମଣରେ ଯାଇଛି। ୨ ମାସ ପୂର୍ବେ ବ୍ଲକ ଅଧୀନ ଖରନାସୀ ଗ୍ରାମର ଜଣେ ମହିଳା ନାଳରୁ ମାଛ ଧରିବା ବେଳେ କୁମ୍ଭୀର ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ବିଭାଗ ପକ୍ଷରୁ ଅଦ୍ୟାବଧି ନଦୀ କୂଳରେ କୁମ୍ଭୀର ବସା ବାନ୍ଧିବା ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରଜନନ ସମୟରେ କୁମ୍ଭୀର ହିଂସ୍ର ହୁଅନ୍ତି। ବନ ବିଭାଗ ପକ୍ଷରୁ ସମସ୍ତ ନଦୀ କୂଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଇଁ ବର୍ଷା ଦିନରେ ନଦୀ ମଧ୍ୟକୁ ପ୍ରବେଶ କଟକଣା ଜାରି କରାଯାଇଛି। ତେବେ ରାଜନଗର, ପଟ୍ଟାମୁଣ୍ଡାଇ ଓ ମହାକାଳପଡ଼ା ନଦୀକୂଳ ଅଞ୍ଚଳରେ ଜନ ସଚେତନତା ସୃଷ୍ଟି କରିବାକୁ ମାଇକ ମାଧ୍ୟମରେ ପ୍ରଚାର କରାଯିବା ସହ ବନ ବିଭାଗ କର୍ମଚାରୀ ଗାଁକୁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି ବୋଲି ସେ କହିଛନ୍ତି।

## କୁକୁର କାମୁଡ଼ାରେ ହରିଣ ମୃତ

ଛତିଆ,୨୩।୬
(ସୌମ୍ୟ ରଞ୍ଜନ ସାହୁ):



ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ବୈରୀ ପୋଲିସ ତାଲିମ କେନ୍ଦ୍ର ନିକଟରେ ଶୁକ୍ରବାର କୁକୁର କାମୁଡ଼ାରେ ଏକ ହରିଣର ମୃତ୍ୟୁ ହୋଇଛି। ହରିଣ ମରି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ କଟକ ଡାଳିଯୋଡ଼ାର ବୈରୀ ବନାଞ୍ଚଳ ଅଧିକାରୀ ଅଭିରାମ ଜେନାଙ୍କ ଟିମ୍ ପହଞ୍ଚି ମୃତ ହରିଣକୁ ଜବତକରି ବ୍ୟବଚ୍ଛେଦ ପାଇଁ ସୋଲର ପ୍ରାଣୀଧନ ଚିକିତ୍ସାକେନ୍ଦ୍ରକୁ ନେଇଥିଲେ। ସୋଲର ପ୍ରାଣୀଧନ ଚିକିତ୍ସା ଅଧିକାରୀ ଆର୍ଯ୍ୟ ପ୍ରକାଶ ପଣ୍ଡା ହରିଣକୁ ଦେଖିବା ପରେ ତା'ର କୁକୁର କାମୁଡ଼ାରେ ମୃତ୍ୟୁ ହୋଇଥିବା କହିଛନ୍ତି। ହରିଣଟି ଜଙ୍ଗଲରୁ ପାଖ ଗ୍ରାମକୁ ଚାଲି ଆସିବାବେଳେ ଏକାଧିକ ବୁଲା କୁକୁରଙ୍କ ହାବୁଡ଼ରେ ପଡ଼ିଯିବାରୁ ତାହାର ଜୀବନ ଚାଲିଯାଇଛି ବୋଲି ସେ ପ୍ରାଥମିକ ତଦନ୍ତରୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବୈରୀ ଓ ପାଖ ଜଙ୍ଗଲକୁ ଲାଗି ଏକ ସିମେଣ୍ଟ କମ୍ପାନୀର ପ୍ରଚଣ୍ଡ ଶବ୍ଦ ଓ ଉଚ୍ଚ ଆଲୋକୀକରଣ ପ୍ରଭାବରେ ହାତୀ, ମିରିଗ, ହରିଣ ଓ ଅନ୍ୟ ଜଙ୍ଗଲି ଜନ୍ତୁ ବିଭିନ୍ନ ସମୟରେ ଗାଁ ମୁହାଁ ହୋଇ ମୃତ୍ୟୁ ମୁଖରେ ପଡୁଥିବା ଦେଖିବାକୁ ମିଳୁଛି।

## ୭୫ ଶ୍ରେଷ୍ଠ ବିଧାୟକଙ୍କ ମଧ୍ୟରେ ସ୍ଥାନ ପାଇଲେ ସୁନନ୍ଦା

ବରୀ,୨୩।୬(ମହେନ୍ଦ୍ର ସ୍ୱାଇଁ):

ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ



ବିଧାୟିକା ସୁନନ୍ଦା ଦାସ।

ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରୁ ପ୍ରଥମ ଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିବା ସୁନନ୍ଦା ଦାସଙ୍କ କାର୍ଯ୍ୟ ପ୍ରଶଂସନୀୟ ହୋଇଛି। ଏଥିପାଇଁ ଏନ୍‌ଏଲ୍‌ସି (ଜାତୀୟ ବିଧାୟକ ସମ୍ମିଳନୀ) ୨୦୨୩ରେ ସର୍ବଭାରତୀୟସ୍ତରରେ ୭୫ ଶ୍ରେଷ୍ଠ ବିଧାୟକଙ୍କ ମଧ୍ୟରେ ସେ ସ୍ଥାନ ପାଇଛନ୍ତି। ଚଳିତ ମାସ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ ଜିଓ ୱାର୍ଲଡ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଅନୁଷ୍ଠିତ ଜାତୀୟ ବିଧାୟକ ସମ୍ମିଳନୀରେ ବିଧାୟକମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା। ଓଡ଼ିଶାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବରୀ ନିର୍ବାଚନମଣ୍ଡଳୀ ବିଧାୟିକା ସୁନନ୍ଦା ଦାସ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସାରସକଣା ବିଧାୟକ ବୁଢ଼ାନ ମୁର୍ମୁ ଓ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଏହି ସୂଚୀରେ ସ୍ଥାନ ପାଇଛନ୍ତି। ବରୀ ବିଧାୟିକାଙ୍କ ଏହି ସଫଳତା ପାଇଁ ନିର୍ବାଚନମଣ୍ଡଳୀର ମହିଳା, ଛାତ୍ର, ଯୁବ, କୃଷକ, ଦଳିତ ଓ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ସମେତ ବୁଦ୍ଧିଜୀବୀ ମହଲରୁ ତାଙ୍କ ପ୍ରତି ଶୁଭେଚ୍ଛାର ସୁଅ ଛୁଟିଛି।

ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ଶହୀଦ ହୋଇଥିବା ସାଉଣ୍ଟି ମଲିକ, ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର, କବି ବାଞ୍ଛାନିଧି ଦାଶ, ବରୀ ମାଟିରେ ସେବା କ୍ଷେତ୍ରରେ ଜୀବନ ବିତାଇଥିବା ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିକୁ ବିଧାୟିକା ନିକଟରେ ଉନ୍ମୋଚନ କରିଥିଲେ। ସେ କୋଭିଡ୍ ସମୟରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିଥିଲେ। ଉଠା ଦୋକାନୀ, ସେଲୁନ ଦୋକାନୀ, ଅଟୋ ଚାଳକ ପ୍ରମୁଖଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରିବା ସହ କରୋନାରେ ବାପ ଛେଉଣ୍ଡ ୫୪ ବାଳିକାଙ୍କୁ ୫ ହଜାର ଟଙ୍କା ଲେଖାଏ କିଷାନ ବିକାଶ ପତ୍ର ମାଧ୍ୟମରେ ଜମା କରିଥିଲେ। ବ୍ରହ୍ମବରଦାଠାରେ ସଂଖ୍ୟାଲଘୁ ବାଳିକାଙ୍କ ଶିକ୍ଷାର ପ୍ରସାର ପାଇଁ ପାଠାଗାର ପ୍ରତିଷ୍ଠା କରିବା ସହ ସ୍ୱାଇଁଖଣ୍ଡଠାରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ବରୀରେ ପୂଜ୍ୟପୂଜା ଆଧାରରେ ଶିକ୍ଷକ ସମାଜ, ଅବସରପ୍ରାପ୍ତ ସେନା କର୍ମଚାରୀ, ଶହୀଦ ପରିବାର, ଶତାୟୁଙ୍କୁ ସମ୍ବର୍ଦ୍ଧନା ଓ ସମ୍ମାନିତ କରିବା କାର୍ଯ୍ୟକ୍ରମ ତାଙ୍କର ଅନେକ ପ୍ରଶଂସା ପାଇଛି। ଏଭଳି ଉଲ୍ଲେଖନୀୟ ସଫଳତା ଓ ଲୋକପ୍ରିୟତା ପାଇଁ ସେ ଜାତୀୟସ୍ତର କାର୍ଯ୍ୟକ୍ରମରେ ସ୍ଥାନ ପାଇଥିବାରୁ ବରୀ ବିଜେଡିରେ ଆନନ୍ଦର ଲହରି ଖେଳିଯାଇଛି। ଦଳୀୟ କର୍ମୀ ବିଭିନ୍ନ ସ୍ଥାନରେ ବାଣ ଫୁଟାଇ ଖୁସି ମନାଉଛନ୍ତି। ବିକଶିତ ବରୀ ଗଠନ କ୍ଷେତ୍ରରେ ପ୍ରଭୁ ଜଗନ୍ନାଥ ତାଙ୍କୁ ସହାୟକ ହୁଅନ୍ତୁ ବୋଲି ବରୀ ଅଞ୍ଚଳର କର୍ଣ୍ଣଚନ୍ଦ୍ର ଘଡ଼େଇ, ଗୋପବନ୍ଧୁ ଦାସ, ବୃନ୍ଦାବନ ସାମଲ, ପ୍ରଫେସର ଦେବ ପ୍ରସାଦ ସାମଲ, ସରପଞ୍ଚ ରଶ୍ମିତା ପରିଡ଼ା, ସସ୍ମିତା କୁଣ୍ଡୁ, ରେବତୀ ଜେନା, ଜଗଦୀଶ ଜେନା, ପ୍ରଜ୍ଞା ପରମିତା ପରିଡ଼ା, ଚପଳା ମଲ୍ଲ, ଶଙ୍କର୍ଷଣ ସ୍ୱାଇଁ, ସୁଶାନ୍ତ ଦାସ, ହରପ୍ରିୟା ସାହୁ, ସମିତିସଭ୍ୟା ସୁଧାଂଶୁବାଳ ସାମଲ, ରମେଶ ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ପ୍ରୀତିରଞ୍ଜନ ଜେନା, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ଆର୍ତ୍ତବନ୍ଧୁ ସାମଲ ଓ ଦଳିତ ନେତା ଦୁଷ୍ମନ୍ତ ସେଠୀ ପ୍ରମୁଖ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ଗଛମୂଳେ ଛାତ୍ରୀଛାତ୍ର ପାଠ ପଢ଼ିଲେ



ବିଦ୍ୟାଳୟ ଫାଟକରେ ତାଲା ପଡ଼ିଥିବାରୁ ପିଲାମାନେ ରାସ୍ତା ଉପର ଗଛମୂଳେ ପଢୁଛନ୍ତି।

କେନ୍ଦ୍ରାପଡ଼ା,୨୩।୬(ଜଗନ୍ନାଥ ଧଳ)

- ଶିକ୍ଷକ ପଦବୀ ପୂରଣ ନ ହେବାରୁ ବିଦ୍ୟାଳୟ ଫାଟକରେ ତାଲା
- ପ୍ରତିଶ୍ରୁତି ପୂରଣ ନ ହେବାରୁ ବିଇଓଙ୍କ ନାମରେ ଥାନାରେ ଅଭିଯୋଗ

ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କୁ ଉନ୍ନତ ଓ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ ସ୍ଲୋଗାନ୍‌ରେ ସମସ୍ତଙ୍କ ପାଇଁ ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ପ୍ରାଥମିକ ସ୍ତରରେ ଶିକ୍ଷାର ମୂଳଦୁଆ ଦୋହଲିଗଲା ପରି ମନେ ହେଉଛି। ୫-ଟି ଜରିଆରେ ବିଦ୍ୟାଳୟର ରୂପାନ୍ତରୀକରଣ କରି ସ୍ମାର୍ଟ କ୍ଲାସ୍ ଜରିଆରେ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଲବ୍ଧ କରାଯାଉଛି। ହେଲେ ରାଜ୍ୟ ସରକାର ଶିକ୍ଷକ ଅଭାବ ପୂରଣ କରିବାରେ ବିଫଳ ହେଉଛନ୍ତି। ଏହାର ଏକ ଉଦାହରଣ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତର ସରକାରୀ ବାଂଶରିଆ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ୫ଟି ଶ୍ରେଣୀରେ ଜଣେ ଶିକ୍ଷୟିତ୍ରୀ ପାଠ ପଢ଼ାଇବା ଓ ବାରମ୍ବାର ଅଭିଭାବକ ଦାବି କରିବା ପରେ ବି ଶିକ୍ଷା ବିଭାଗ ଶିକ୍ଷକ ନିଯୁକ୍ତ କଲାନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ବିଦ୍ୟାଳୟର ମୁଖ୍ୟ ଫାଟକରେ ଅଭିଭାବକମାନେ ତାଲା ପକାଇ ଦେଇଥିଲେ। ଗଛମୂଳେ ନିଜ ନିଜର ପିଲାଙ୍କୁ ଧରି ପାଠ ପଢ଼ାଉଥିବା ଦେଖିବାକୁ ମିଳିଛି। କେବଳ ଏତିକି ନୁହେଁ, କଥା ଦେଇ ଠକିଥିବା ଅଭିଯୋଗରେ ବ୍ଲକ ଶିକ୍ଷାଧିକାରୀଙ୍କ ନାମରେ ରାଜକନିକା ଥାନାରେ ଅଭିଭାବକମାନଙ୍କ ସହ ସରପଞ୍ଚ ଗୀତାଞ୍ଜଳି ସେଠୀ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ମେ' ୧୮ରେ ବିଦ୍ୟାଳୟର ଛାତ୍ରୀଛାତ୍ରୀ ଓ ଅଭିଭାବକ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ତୁରନ୍ତ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଶିକ୍ଷାଧିକାରୀଙ୍କଠାରୁ ମିଳିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ହେଲେ ଆଜକୁ ମାସେ ବିତିଯାଇଥିଲେ ବି ଶିକ୍ଷକ ପଦବୀ ପୂରଣ ହୋଇପାରିଲାନାହିଁ। ଫଳରେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଗଛମୂଳେ ନିଜ ପିଲାଙ୍କୁ ପାଠ ପଢ଼ାଇବା ସହ ବ୍ଲକ ଶିକ୍ଷାଧିକାରୀଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିବା ଏକାଧିକ ଅଭିଭାବକ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଭୂତି



@ ମାନସ



@ ଶାନ୍ତନୁ



@ ସ୍ୱାଧୀନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନଜର ଆଢୁଆଳରେ ଶ୍ରୀଦଧିବାମନଜୀଉ ମନ୍ଦିର

କେନ୍ଦ୍ରାପଡ଼ା, ୨୩।୬ (ଜଗନ୍ନାଥ ଧଳ)

- ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା, ପ୍ରଚାର ପ୍ରସାର ନାହିଁ
- ପ୍ରଶାସନିକ ଅବହେଳା ଯୋଗୁ ହେଉନି ଉନ୍ନତୀକରଣ



ଶ୍ରୀଦଧିବାମନଜୀଉ।



ଚଉଦକୁଲାଟସ୍ଥିତ ତମାଳରେ ଥିବା ଠାକୁରଙ୍କ ମନ୍ଦିର।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଚଉଦକୁଲାଟସ୍ଥିତ ତମାଳ କ୍ଷେତ୍ରାଧିପତି ଶ୍ରୀଦଧିବାମନଜୀଉ ମନ୍ଦିର ପରିସରକୁ ୨୦୧୬ରୁ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। ୧୮୦ବର୍ଷରୁ ଅଧିକ ସମୟ ଧରି ପ୍ରତିଷ୍ଠିତ ଶ୍ରୀଜୀଉଙ୍କ କ୍ଷେତ୍ରର ଅଦ୍ୟାବଧି ଉନ୍ନତୀକରଣ ହେଉନାହିଁ। ପ୍ରଶାସନର ଏପରି ଅବହେଳା ଯୋଗୁ ଏହି କ୍ଷେତ୍ର ପର୍ଯ୍ୟଟକଙ୍କ ନଜର ଆଢୁଆଳରେ ରହିଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

ଶ୍ରୀଜୀଉଙ୍କ ସେବାୟତ ଚଉଦକୁଲାଟର କିଶୋର ଚନ୍ଦ୍ର ମିଶ୍ର କୁହନ୍ତି, ପ୍ରାୟ ୧୮୦ବର୍ଷ ପୂର୍ବେ ଜଣେ କୈବର୍ତ୍ତଙ୍କ ଜାଲରେ ଏକ କାଠଗଣ୍ଡି ଉଦ୍ଧାର ହୋଇଥିଲା। ଏହି କାଠକୁ କୈବର୍ତ୍ତ ହାଣିବା ସମୟରେ ସେଥିରୁ ରକ୍ତସ୍ରାବ ହେଲା। ଏହି ଘଟଣା ପରେ ଉକ୍ତ କାଠକୁ ଶ୍ରୀଦଧିବାମନଜୀଉ ଭାବେ ତମାଳ କ୍ଷେତ୍ରରେ ପୂଜା କରାଯାଉଛି। ଘାଘରାର ତତ୍କାଳୀନ ରାଉତରାୟ ଜମିଦାର ପରିବାରଙ୍କ ଦ୍ୱାରା ଏହି ମନ୍ଦିର ପ୍ରତିଷ୍ଠା କରାଯିବା ଜନଶ୍ରୁତି ଅଛି। ଚଉଦକୁଲାଟ ଗ୍ରାମର ଶରତ ଚନ୍ଦ୍ର ମିଶ୍ରଙ୍କ କହିବା ଅନୁଯାୟୀ, କାଶିଆ ମୁହାଣରୁ ଶ୍ରୀଦଧିବାମନଜୀଉଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଆଖପାଖରେ କୌଣସି କାଶିଆ ମୁହାଣ ନାହିଁ। ତେବେ ମନ୍ଦିର ଓ ଦେବତାଙ୍କର ବହୁ ଅଲୌକିକ ଘଟଣା ଦେଖିବାକୁ ମିଳୁଥିବା ବେଳେ କେତେଗୋଟି ଘଟଣା ଏବେ ବି ରହସ୍ୟ ହୋଇରହିଛି। କାରୁକାର୍ଯ୍ୟ ବିମଣ୍ଡିତ ଏହି ସୁଦୃଶ୍ୟ ମନ୍ଦିର ମଧ୍ୟରେ ଥିବା ରତ୍ନବେଦୀରେ ଅର୍ଦ୍ଧନିର୍ମିତ ଶଙ୍ଖ ଓ ଚକ୍ର ଶୋଭା ପାଉଛି। ଏ ସମ୍ପର୍କରେ ଗବେଷଣା କଲେ ବହୁ ତଥ୍ୟ ମିଳିପାରିବ। ସୁଶାନ୍ତ କୁମାର ମିଶ୍ର କହିଛନ୍ତି, ତମାଳ କ୍ଷେତ୍ରକୁ ଗୁପ୍ତକ୍ଷେତ୍ର ଭାବେ ଅବିଭକ୍ତ କଟକ ଜିଲାର ଅଧିବାସୀ ଜାଣନ୍ତି। ପୁରୀ ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରା ସହ ଏହି ମନ୍ଦିରର ଅନେକ ସାମଞ୍ଜସ୍ୟ ଅଛି। ପାରମ୍ପରିକ ରୀତିନୀତି ଅନୁସାରେ ଏଠାରେ ବୈଶାଖ ସଂକ୍ରାନ୍ତିଠାରୁ ପର୍ବପର୍ବାଣି ଆରମ୍ଭ ହୋଇଥାଏ। ବାମନ ଜନ୍ମ ତିଥିରେ ଏକ ସ୍ୱତନ୍ତ୍ର ବଳିବାମନ ବେଶ ଶ୍ରୀଜୀଉ ଧାରଣ କରନ୍ତି। ସେବାୟତ ପ୍ରମୋଦ କୁମାର ମିଶ୍ର କହିଛନ୍ତି, ଏହି କ୍ଷେତ୍ରକୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ମିଳିଥିଲେ ମଧ୍ୟ ରାଜ୍ୟ ସରକାରଙ୍କଠାରୁ ଆର୍ଥିକ ସହାୟତା ଓ ଭିତ୍ତିଭୂମିର ବିକାଶ ପାଇଁ ସେମିତି କିଛି ପଦକ୍ଷେପ ନିଆଯାଉନାହିଁ। ୫-ଟି ସଚିବଙ୍କୁ ଏହି କ୍ଷେତ୍ରର ଉନ୍ନତୀକରଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ୪ ଲକ୍ଷ ଟଙ୍କା ଉନ୍ନୟନ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ସୂଚନା ମିଳିଛି। ଏହି ଅର୍ଥ ତୀର୍ଥ କ୍ଷେତ୍ରର ଉନ୍ନତି କ୍ଷେତ୍ରରେ କିଛି ନୁହେଁ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି କୁହନ୍ତି, କଟକରୁ ଜାତୀୟ ଉଦ୍ୟାନ ଭିତରକନିକାକୁ ଯିବା ରାସ୍ତାରେ ଗୋଗୁଆଠାରୁ ମାତ୍ର ୬ କିଲୋମିଟର ଭିତରକୁ ଏହି ପର୍ଯ୍ୟଟନ କ୍ଷେତ୍ର ରହିଛି। ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିର ନିକଟରୁ ଏହାର ଦୂରତା ମାତ୍ର ୨୦ କିଲୋମିଟର। ପୂର୍ବରୁ ଏହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୯୮ ଲକ୍ଷ ଟଙ୍କା ଆସିଥିଲେ ମଧ୍ୟ ଅଦ୍ୟାବଧି ଏହାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ପର୍ଯ୍ୟଟନ ବିଭାଗ ଏହି କ୍ଷେତ୍ରର ଉନ୍ନତୀକରଣ କରିପାରିଲେ ଜିଲାର ପର୍ଯ୍ୟଟନ ଶିଳ୍ପ ବିକଶିତ ହୋଇପାରିବ। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ତମାଳକ୍ଷେତ୍ରର ଉନ୍ନୟନ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

